


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୮୯ ● ୮ ଅଗଷ୍ଟ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-189 ● 8th August 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


### ନୂଆଦିଲ୍ଲୀରେ ଓଡ଼ିଶା ଫୁଡ୍ ପ୍ରୋ : ଶିଳ୍ପଦ୍ୟୋଗୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ୨୭ ଏମ୍ଓୟୁ ସ୍ୱାକ୍ଷରିତ, ୧୨ ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୭ ।୮

ନ୍ୟୁଜ୍ ବ୍ୟୁରୋ

'ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଆମର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି କରେ, ରପ୍ତାନୀ ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି ଏବଂ ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମନ୍ତ୍ରଣ ଜଣାଇଛନ୍ତି।'




ଏହି ଦୃଷ୍ଟିଭଙ୍ଗୀ ସହିତ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୁକ୍ରବାର ନୂଆଦିଲ୍ଲୀରେ ଆୟୋଜିତ ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନ୍‌ଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରେ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି। ଉତ୍ପାଦନ, ରପ୍ତାନୀ ଏବଂ ବିଶ୍ୱବଜାର ସହିତ କୃଷି କ୍ଷେତ୍ରକୁ ସଂଯୋଗ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଇକୋସିଷ୍ଟମର ବିକାଶ ଦିଗରେ ଆଜିର (ପୃଷ୍ଠା ୭ରେ)

### ହଟ୍ଟଗୋଳ ମଧ୍ୟରେ ଏମ୍ଏସଏମଇ ସଂଶୋଧନ ବିଲ୍ ପାରିତ

# ସଂସଦର ଉଭୟ ଗୃହ ୧୦ ପର୍ଯ୍ୟନ୍ତ ମୁଲତବୀ

ନୂଆଦିଲ୍ଲୀ, ୭ ।୮

ଲୋକସଭାରେ ଶୁକ୍ରବାର ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ 'ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬' ବାଚନିକ ଭୋଟରେ ପାରିତ ହୋଇଛି। ପରବର୍ତ୍ତୀ ସମୟରେ, ଲଗାତାର ଜାରି ହଟ୍ଟଗୋଳ ଏବଂ ସ୍ଲୋଗାନ କାରଣରୁ, ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟକାଳ ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ।



ଶୁକ୍ରବାର ଲୋକସଭାର କାର୍ଯ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଅଗଷ୍ଟ ୯ ତାରିଖ ଭାରତ ଛାଡ଼ ଆନ୍ଦୋଳନର ୮୪ତମ ବାର୍ଷିକୀ। ୧୯୪୨ ମସିହାରେ ଏହି ଦିନ ଜାତିର ପିତା ମହାତ୍ମା ଗାନ୍ଧୀ ଦେଶବାସୀଙ୍କୁ 'କର ବା ମର' ମନ୍ତ୍ର ପ୍ରଦାନ କରିଥିଲେ। ଭାରତ ଛାଡ଼ ଆନ୍ଦୋଳନ ହେଉଛି ଦେଶର ଏକତା, ଅଦମ୍ୟ ସାହସ ଏବଂ ସତ୍ୟ ଓ ଅହିଂସା ଉପରେ ଆଧାରିତ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମର ଏକ ଅମର ପ୍ରତୀକ। ଏହା ପରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହର କାର୍ଯ୍ୟକାଳ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା।

ଦିନ ୧୨ଟାରେ ଗୃହର ବୈଠକ ପୁଣି ଥରେ ଆରମ୍ଭ ହେବା ମାତ୍ରେ ହଟ୍ଟଗୋଳ ମଧ୍ୟରେ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଜିତନ ରାମ ମାଂଝିଙ୍କ ଦ୍ୱାରା ଆଗତ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬ ପାରିତ ହୋଇଥିଲା। ଏହି ବିଧେୟକ ପୂର୍ବରୁ ରାଜ୍ୟସଭାରେ ପାରିତ ହୋଇସାରିଥିଲା। ଏହି ସଂଶୋଧନ ଅନୁଯାୟୀ, କେନ୍ଦ୍ରୀୟ ସାର୍ବଜନୀକ କ୍ଷେତ୍ରର ଉପକ୍ରମ (ସିପିଏସଇ) ନିମନ୍ତେ ଚାଲାଣ ଦେୟର ସମାଧାନ ପାଇଁ ଟି. ଆର. ଇ. ଡି. ଏସ୍. ପ୍ଲାଟଫର୍ମର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି । ଏଥି ସହିତ ଇନଭଏସ୍ ମଧ୍ୟସ୍ଥତା ଏବଂ ମଧ୍ୟସ୍ଥତା (ପୃଷ୍ଠା ୭ରେ)

# ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ

ଭୁବନେଶ୍ୱର, ୭ ।୮

ନ୍ୟୁଜ୍ ବ୍ୟୁରୋ

ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ଉଦ୍ୟମରତ ଅଛନ୍ତି। ରାଜ୍ୟରେ ପାଣିପାଗ ସ୍ଥିତି ଜାଣିବା ପାଇଁ ୫୭୩କି.ମି ଉପକୂଳ ଅଞ୍ଚଳରେ ୧୨୨ଟି ଟାୱାର ଅବସ୍ଥାପିତ ହୋଇଛି। ତନ୍ମଧ୍ୟରୁ ୪୪ଟି ବଡ଼ ଟାୱାର୍ ରହିଛି। ଏହି ଟାୱାରଗୁଡ଼ିକ ୨୦୧୭ରେ ନିର୍ମାଣ କରାଯାଇଥିଲା। ଏହି ଟାୱାରଗୁଡ଼ିକ ମାଧ୍ୟମରେ ସାଇରନ ଦିଆଯାଇ ପାଣିପାଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇପାରୁଛି। ଆଧୁନିକୀକରଣ ସହ ପ୍ରତ୍ୟେକ ଟାୱାରରେ ୩୬୦ ଡିଗ୍ରୀ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ହୋଇଛି। ସାଟେଲାଇଟ୍ ଟେଲି କମ୍ୟୁନିକେସନ୍ ସିଷ୍ଟମ୍ ସଂଯୋଗ ଦ୍ୱାରା ଏହି ସବୁ ଟାୱାରଗୁଡ଼ିକର ସାମର୍ଥ୍ୟ ବୃଦ୍ଧି ପାଇବ। ଏହି ପରିପ୍ରେକ୍ଷୀରେ ପୁରୀରେ ନୂତନ ରାଡାର ସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ଏହି ସୂଚନା ଦେଇଛନ୍ତି।

୩୧୪ଟି ବ୍ଲକରେ ଆଧୁନିକ ବ୍ୟବସ୍ଥା ସହ ମୁଖ୍ୟ କଣ୍ଟ୍ରୋଲ ରୁମରୁ ଆଗାମୀ ଦିନରେ ଉଚ୍ଚଗତିଶୀଳ ବ୍ୟବସ୍ଥା (ପୃଷ୍ଠା ୭ରେ)

# ସ୍କୁଲରେ ଗୁଳିକାଣ୍ଡ ; ୭ ମୃତ

ନୂଆଦିଲ୍ଲୀ, ୭ ।୮

ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକର ଏକ ସ୍କୁଲରେ ଗୁଳିକାଣ୍ଡ ଘଟିବା ପରେ ଏହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଜଣେ ଛାତ୍ର ଗୁଳି ଚଳାଇ ପ୍ରାୟ ୨୦ ଜଣ ଛାତ୍ରଙ୍କୁ ଆହତ କରିଥିବା ଏବଂ ଜଣେ ଶିକ୍ଷକଙ୍କ ସମେତ ଅନ୍ୟ ୭ ଜଣଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ଫ୍ଲାଇ ବାଙ୍ଗ ପୁଲିସ ମୁଖ୍ୟ ଲେଫ୍ଟନାଣ୍ଟ କର୍ଣ୍ଣେଲ ପାସାକୋର୍ଣ୍ଣ ଚୈତାଭିଭୋଙ୍ଗ ଗୁଳିକାଣ୍ଡକୁ ନିଶ୍ଚିତ କରି କହିଛନ୍ତି ଯେ ନନ୍ଥାବରି ପ୍ରଦେଶର ବାଙ୍ଗ କୁଆଇ ଜିଲ୍ଲାର ସ୍କୁଲରେ ଗୁଳିକାଣ୍ଡ ଘଟିଛି। ଏହି ଗୁଳିକାଣ୍ଡ ପରେ ଛାତ୍ର ଭାବରେ ଚିହ୍ନଟ ହୋଇଥିବା ଉକ୍ତ ସନ୍ଦିଗ୍ଧ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛି।

ରିପୋର୍ଟ ଅନୁଯାୟୀ, ବ୍ୟାଙ୍କକର ଉତ୍ତର-ପଶ୍ଚିମ ଉପକଣ୍ଠରେ (ପୃଷ୍ଠା ୭ରେ)

# ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୭ ।୮

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସୋମବାର ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ (ପୃଷ୍ଠା ୭ରେ)

# ରାକ୍ଷୀପୂର୍ଣ୍ଣିମାରେ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୭ ।୮

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ରାକ୍ଷୀପୂର୍ଣ୍ଣିମା ଅବସରରେ ରାଜ୍ୟର ମହିଳାମାନଙ୍କୁ 'ସୁଭଦ୍ରା' ଯୋଜନାର ଟଙ୍କା ମିଳିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଜୁଲାଇ ୨୫ ତାରିଖ ସୁଦ୍ଧା ଜିଲାସ୍ତରରୁ ଯେଉଁ ଯୋଗ୍ୟ ହିତାଧିକାରୀଙ୍କ ନାମ ଆସିଥିବ, ସେମାନଙ୍କୁ ମଧ୍ୟ ସୁଭଦ୍ରା ଯୋଜନାର ଟଙ୍କା ପ୍ରଦାନ କରାଯିବ। ଏଥିପାଇଁ ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। 'ସୁଭଦ୍ରା' ଯୋଜନା ମାଧ୍ୟମରେ ରାଜ୍ୟ ସରକାର ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି ଯୋଜନାର ପରବର୍ତ୍ତୀ କିସ୍ତି ରାକ୍ଷୀପୂର୍ଣ୍ଣିମାରେ ହିତାଧିକାରୀଙ୍କ ଖାତାକୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୮୯ (+୧୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୭୪୦ (+୧୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୨୪୨ (+୧୨)

### ରୁପା ଦର

ରୁପା – ପ୍ରତି ଗ୍ରାମ ୨୪୦ (+୦)

### ଏକାଳ ପଖାଳ



ପାଣିକାଦୁଅରେ ପଚପଚ
ଆମରି ଭୁବନେଶ୍ୱର
ଡ୍ରେନ ଆଉ ବରଷା ଜଳରେ
ବୁଡି ଅଛି ରାସ୍ତାଘର
ଆଖିରୁ ବହୁଛି ଝର
ନେତା ମନ୍ତ୍ରୀ ସବୁ ଏଇଠି ରହନ୍ତି
କିଛି ନାହିଁ କରିବାର।

# ଇରାନରେ ବିସ୍ଫୋରଣ : ହର୍ମୁଜ୍‌ରେ ସ୍ଥିତି ଗମ୍ଭୀର

ତେହେରାନ୍, ୭ ।୮

ଇରାନର କେଶମ୍ ଦ୍ୱୀପ ଚାରିପାଖରେ ନୂତନ ବିସ୍ଫୋରଣ ସହିତ ହର୍ମୁଜ୍ ଷ୍ଟ୍ରେଟର ପରିସ୍ଥିତି ପୁଣି ଜଟିଳ ହୋଇଛି। ଏହି ବିସ୍ଫୋରଣ ଏକ ପ୍ରକାରରେ ତେହେରାନ ପାଇଁ ଏକ ଚେତାବନୀ। ଇରାନ ବର୍ତ୍ତମାନ ଶତ୍ରୁ ଜାହାଜକୁ ଅଟକାଇବା ପାଇଁ ଏକ ବିଲ୍ ପ୍ରସ୍ତୁତ କରୁଛି। ଇରାନର ସଂସଦ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ନିୟନ୍ତ୍ରଣକୁ ମଜଭୁତ କରିବା ପାଇଁ ଏକ ପ୍ରସ୍ତାବିତ ବିଲ୍ ଉପରେ ଆଲୋଚନା କରିଛି। ପ୍ରସ୍ତାବିତ ବିଲ୍ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ ଭଳି ଦେଶର ଜାହାଜକୁ ଏହି ଜଳପଥ ଦେଇ ଯିବାକୁ ବାରଣ କରାଯିବ। ଏହି ନିୟମ ଉଲ୍ଲଙ୍ଘନ କଲେ ଜରିମାନା ଦେବାକୁ ପଡ଼ିବ।

ଏକ ରିପୋର୍ଟରେ କୁହାଯାଇଛି ଯେ, ଇରାନ ସଂସଦର ସ୍ପିକର ତଥା ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବାଘେର ଘାଲିବାଫ ପୁଣିଥରେ ସୋସିଆଲ ମିଡିଆରେ ଇରାନ ଏବଂ ଆମେରିକା ମଧ୍ୟରେ ବିଶ୍ୱାସର ଅଭାବ ପ୍ରସଙ୍ଗରେ ମନ୍ତବ୍ୟ ଦେଇଛନ୍ତି। ସେ ୱାଶିଂଟନ୍ ଉପରେ ବେଳେବେଳେ ସାମରିକ ଧମକ ଦେବା ଏବଂ (ପୃଷ୍ଠା ୭ରେ)




# ଓଡ଼ିଶାରେ ଭୀଷଣ ବର୍ଷା ନେଇ ଆଇଏମଡିର ୱାର୍ଣ୍ଣିଂ



ଭୁବନେଶ୍ୱର, ୭ ।୮ : ନ୍ୟୁଜ୍ ବ୍ୟୁରୋ

ବନ୍ୟା ଯିବାର ସପ୍ତାହେ ହୋଇନି, ଭୟ ବଢାଇଛି ଆଉ ଏକ ବଡ଼ ବନ୍ୟା ଆଶଙ୍କା। କାରଣ ଆସନ୍ତା ୨ ଦିନ ଯାଏଁ ଓଡ଼ିଶାରେ ଅତି ଭୀଷଣ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏଥିପାଇଁ ରେଡ୍ ୱାର୍ଣ୍ଣିଂ ବି ଜାରି ହୋଇଛି। ତା ପଛକୁ ସମ୍ଭାବ୍ୟ ଲଘୁଚାପକୁ ନେଇ ଚିନ୍ତା ବଢ଼ିଛି। ତାହାରି ଭିତରେ ଅବିଶ୍ରାନ୍ତ ବର୍ଷା ଯୋଗୁ ନଦୀକୂଳିଆଙ୍କ ଜୀବନଯାତ୍ରା ବିଗିଡ଼ିଯାଇଥିବା ବେଳେ ଆସୁଥିବା ବଡ଼ ବର୍ଷା ଆତଙ୍କ ଖେଳାଇଦେଇଛି।

ଆସନ୍ତା ୨୪ ଘଣ୍ଟାରେ ରାଜ୍ୟରେ ଅତି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏ ନେଇ ଓଡ଼ିଶାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କିଛି କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ପାଣିପାଗ ବିଭାଗର ସୂଚନା ଅନୁସାରେ ଶନିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମୟୂରଭଞ୍ଜ (ପୃଷ୍ଠା ୭ରେ)




32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଅଗଷ୍ଟ, ୨୦୨୬ ଶନିବାର





# କାଦୁଅ ପାଇଁ ରୋଗୀ ହନ୍ତସନ୍ତ : ଥୁଆମୂଳ ରାମପୁର ସିଏଚ୍‌ସି ରାସ୍ତାରେ ଅଟକୁଛି ଆମ୍ବୁଲାନ୍ସ

**ଥୁଆମୂଳ ରାମପୁର, ନ୍ୟୁଜ୍ ବ୍ୟୁରୋ**



କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ରାସ୍ତା ଓ ଗେଟ୍ ସମ୍ମୁଖରେ ଏବେ ସ୍ଥିତି ଶୋଚନୀୟ ହୋଇପଡିଛି। ବର୍ଷା ଏବଂ ଅପରିକଳ୍ପିତ ନିର୍ମାଣ କାର୍ଯ୍ୟ ଯୋଗୁଁ ହସ୍ପିଟାଲର ପ୍ରବେଶ ପଥ ସମ୍ପୂର୍ଣ୍ଣ କାଦୁଅରେ ପଚପଚ ହୋଇପଡ଼ିଛି। ଫଳରେ ଆମ୍ବୁଲାନ୍ସ ଏବଂ ରୋଗୀ ମାନଙ୍କୁ ହସ୍ପିଟାଲ ଯିବାରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଠିକା ସଂସ୍ଥାର ଦାୟିତ୍ୱହୀନତା ଯୋଗୁଁ ରୋଗୀଙ୍କୁ କାଦୁଅରେ ବୋହି ନେବାକୁ ପଡୁଥିବା ବେଳେ କାର୍ଯ୍ୟସ୍ଥଳରେ ସଂସ୍ଥାର କୌଣସି କର୍ମଚାରୀ ଦେଖାଯାଉନାହାନ୍ତି।

ଅନ୍ୟପକ୍ଷରେ, ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ନିୟମକୁ ଫୁଁ' କରି ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କୋଠା ନିର୍ମାଣ ଓ ନବୀକରଣ କାମ ଚାଲିଛି। କେଉଁ ବିଭାଗ ଓ ଯୋଜନାରେ କାମ ହେଉଛି, ସେ ନେଇ ପିଡ଼ବ୍ଲୁ ଓ ଆର୍ ଆଣ୍ଡ ବି ବିଭାଗ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ବିସ୍ମୟର ବିଷୟ ହେଉଛି, କ୍ୟାମ୍ପସରେ ଚାଲିଥିବା କାର୍ଯ୍ୟ ସମ୍ପର୍କରେ ତାଙ୍କ ପାଖରେ କୌଣସି ତଥ୍ୟ ନ ଥିବା ମେଡିକାଲ ଇଞ୍ଚାର୍ଜ ଡାକ୍ତର ପ୍ରକାଶ କରିଛନ୍ତି। ସୂଚନା ଫଳକ ନ ଥିବାରୁ ଠିକାସଂସ୍ଥା ମନଇଚ୍ଛା ନିମ୍ନମାନର ସିମେଣ୍ଟ, ବାଲି, ଇଲେକ୍ଟ୍ରି ସରଞ୍ଜାମ, ଅସୁରକ୍ଷିତ ଟିଣ ସେଡ୍ ଓ ଦୁର୍ବଳ ପେଭର ବ୍ଲକ୍ ବ୍ୟବହାର କରି ସରକାରୀ ଅର୍ଥ ହରିଲୁଟ୍ କରୁଥିବା ଅଭିଯୋଗ ହୋଇଛି। ହସ୍ପିଟାଲ ପାଇଁ ଆସୁଥିବା ନିର୍ମାଣ ସାମଗ୍ରୀ ଅନ୍ୟତ୍ର ଚାଲାଣ ହେଉଥିବା ବେଳେ କିଛି ଦଲାଲ ଗୋଷ୍ଠୀ ମଧ୍ୟ ଏଥିରୁ ଫାଇଦା ଉଠାଉଥିବା ସୂଚନା ମିଳିଛି। ତୁରନ୍ତ ମୁଖ୍ୟ ରାସ୍ତାରୁ କାଦୁଅ ହଟାଇବା ସହ ଏହି ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ରାଜ୍ୟ ରାଜପଥରେ ବେଆଇନ ଭାରୀଯାନ ପାର୍କିଂ : ବଢ଼ାଉଛି ଦୁର୍ଘଟଣା ଆଶଙ୍କା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ବିଜୁ ଏକ୍ସପ୍ରେସୱେ ସଂଲଗ୍ନ ପ୍ରସନ୍ନ ପଣ୍ଡା ଛକରୁ ଖେରୁଆଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ–୧୦ରେ ବେଆଇନ ଭାବେ ଭାରୀଯାନ ପାର୍କିଂ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଗୁରୁତର ସମସ୍ୟା ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱରେ ହାଇୱା, ଟ୍ରକ୍ ଓ ଅନ୍ୟାନ୍ୟ ଭାରୀଯାନ ଦୀର୍ଘ ସମୟ ଧରି ବେଆଇନ ଭାବେ ପାର୍କିଂ କରାଯାଉଥିବାରୁ ପ୍ରତିଦିନ ଯାତାୟାତ ବ୍ୟବସ୍ଥା ବ୍ୟାହତ ହେଉଛି। ଏହି ବେଆଇନ ପାର୍କିଂ ଯୋଗୁଁ ବିଶେଷକରି ଚାରିଚକିଆ ଯାନ ଓ ଦୁଇଚକିଆ ଯାନଚାଳକମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସଙ୍କୁଚିତ ହୋଇଯାଉଥିବାରୁ ପ୍ରତିମୁହୂର୍ତ୍ତରେ ସଡ଼କ ଦୁର୍ଘଟଣାର ଆଶଙ୍କା ଲାଗି ରହିଛି। ଏହାସହ ରାସ୍ତାରେ ବୁଲୁଥିବା ଗୋରୁଗାଈମାନେ ମଧ୍ୟ ଏହି ଭାରୀଯାନ ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ନେଇ ସ୍ଥାନୀୟ ଲୋକେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବଡ଼ମାଲ ଅଞ୍ଚଳର ସଂକୀର୍ତ୍ତନ ପ୍ରଧାନ, ଟୁନା ସାହୁ ଓ ପବିତ୍ର ଦଣ୍ଡସେନା ପ୍ରମୁଖ ଏହି ସମସ୍ୟାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ବେଆଇନ ଭାବେ ରାସ୍ତା ଉପରେ ଭାରୀଯାନ ପାର୍କିଂ କରୁଥିବା ଚାଳକଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଓ ପୁଲିସ ତୁରନ୍ତ କଡ଼ା ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଏହି ପ୍ରସଙ୍ଗରେ ଜିଲ୍ଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ର କହିଛନ୍ତି ଯେ, ସମସ୍ୟା ଉପରେ ପରିବହନ ବିଭାଗର ସମ୍ପୂର୍ଣ୍ଣ ନଜର ରହିଛି। ନିୟମ ଉଲ୍ଲଂଘନ କରି ବେଆଇନ ପାର୍କିଂ କରୁଥିବା ଭାରୀଯାନଗୁଡ଼ିକ ବିରୋଧରେ ନିୟମିତ ଭାବେ ଚାଲାଣ କଟାଯାଉଛି। ଆଗାମୀ ଦିନରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନକୁ ଆହୁରି କଡ଼ାକଡ଼ି କରାଯିବ ଏବଂ ବେଆଇନ ପାର୍କିଂ କରୁଥିବା ଗାଡ଼ିଗୁଡ଼ିକ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଝୁମ୍ପୁରାରେ ମାତୃ ସମ୍ମିଳନୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଝୁମ୍ପୁରାର ଆଧାର ସ୍ତରର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିରର ସଭାପତି ସୁବଳ କୁମାର ସାହୁ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ତାଙ୍କର ଅଧ୍ୟକ୍ଷୀୟ ଅଭିଭାଷଣରେ ନାରୀ ଜନ୍ମକୁ ଶ୍ରେଷ୍ଠ ଜନ୍ମ ବୋଲି ଅଭିହିତ କରିବା ସଙ୍ଗେ ସଙ୍ଗେ ଷୋଡ଼ଶ ସଂସ୍କାର ଉପରେ ଆଲୋକପାତ କରିଥିଲେ। ଆଧାର ସ୍ତରର ପ୍ରମୁଖ ଦୋଳ ଗୋବିନ୍ଦ ପ୍ରଧାନ ଅତିଥି ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଶିଶୁ ବାଟିକା ପ୍ରମୁଖ ମନୋଜ କୁମାର ମହାନ୍ତ ଶିଶୁ ବାଟିକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥାପନା କରିବା ସହିତ ଏହାକୁ ସାକାର କରିବାକୁ ମାଆମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପୁରୁଜିତ୍ ମୁନି ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ଆଲୋଚନା କରି ଶିଶୁମାନଙ୍କୁ ରାଷ୍ଟ୍ରଭକ୍ତ ନାଗରିକ ଭାବେ ଗଢି ତୋଳିବା ନିମନ୍ତେ କଠୋର ପ୍ରଚେଷ୍ଟା କରିବାକୁ ମାଆମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ବିନୟ କୁମାର ସାହୁ ବହୁ ସଂଖ୍ୟକ ମାଆ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରି ଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଗୁରୁମା ସସ୍ମିତା ପ୍ରଧାନ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁଜୀ ଗୁରୁମା'ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରେଣୀ ଅନୁସାରେ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା ଓ କ୍ରିୟା କଳାପ କରାଯାଇ ଥିଲା। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ୨୭୪ ଛାତ୍ରୀଛାତ୍ରଙ୍କ ଲାଗି ୩ ଶିକ୍ଷକ, ଅନ୍ଧାରରେ ଭବିଷ୍ୟତ



**ଖଜୁରୀପଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଖଜୁରିପଡ଼ା ବ୍ଲକ୍ ଅଧୀନ ଦୂତିମେଣ୍ଡି ପଞ୍ଚାୟତର ଲମ୍ବାଗୁଡ଼ରି ସରକାରୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ୧୯୬୯ରେ ସ୍ଥାପିତ ଏହି ବିଦ୍ୟାଳୟ ଦୀର୍ଘ ଦଶନ୍ଧି ଧରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିଆସୁଛି। ବର୍ତ୍ତମାନ ଆବଶ୍ୟକ ଶିକ୍ଷକଙ୍କ ଅଭାବ ଯୋଗୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୭୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉଚିତ ପାଠପଢ଼ା ଓ ପରିଚାଳନା ପାଇଁ ଅତିକମ୍‌ରେ ୭ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଫଳରେ ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ ଚାଲିଥିବା ବେଳେ ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଯାହା ଶିକ୍ଷା ବ୍ୟବସ୍ଥାର ଚିତ୍ରକୁ ପଦାରେ ପକାଇଛି।

ବିଦ୍ୟାଳୟରେ ତୁରନ୍ତ ଖାଲିପଡ଼ିଥିବା ଶିକ୍ଷକ ପଦବି ଗୁଡ଼ିକୁ ପୂରଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର କୌଣସ ସମାଧାନ ହୋଇନାହିଁ। ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଆଗାମୀ ଦିନରେ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଅବ୍ୟବସ୍ଥାରେ ରାଏବୋଗା ଲ୍ୟାମ୍ପସ



**କୁଆଁରମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

ଏକଦା ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ସୁନାମ ଅର୍ଜନ କରିଥିବା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଏବୋଗା ଲ୍ୟାମ୍ପ୍‌ସରେ ଗତ ଦେଢ଼ ବର୍ଷ ହେଲା ଅଚଳାବସ୍ଥା ଦେଖାଦେଇଛି। ଏହି ଲ୍ୟାମ୍ପସରେ ଏବେ କେହି ପରିଚାଳନା ନିର୍ଦ୍ଦେଶକ ନ ଥିବାରୁ କର୍ମଚାରୀମାନେ ମନୋମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଚାଷୀମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଉ ନ ଥିଲେ ମଧ୍ୟ କେତେଜଣ ଅସାଧୁ ବ୍ୟକ୍ତିଙ୍କ ଭୟରେ ସେମାନେ ପାଟି କରିବାକୁ ସାହସ କରୁନାହାନ୍ତି। ପରିଚାଳନା ସମିତି ନିର୍ଦ୍ଦେଶକ ପଦ ଖାଲି ପଡ଼ିଥିବା ବେଳେ ସଂପୃକ୍ତ ଅସାଧୁ ବ୍ୟକ୍ତି ଯେଉଁମାନେ କି ଉପରିସ୍ଥ ଅଧିକାରୀଙ୍କୁ ନିଜ କବ୍‌ଜାରେ ରଖିଛନ୍ତି ସେମାନଙ୍କ ଭୟରେ କେହି ଉକ୍ତ ଦାୟିତ୍ୱ ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ଦୟାଲ ଏକାଙ୍କୁ ଗତ ଦେଢ଼ ବର୍ଷ ମଧ୍ୟରେ ୫ ଥର ନିର୍ଦ୍ଦେଶ ଦିଆଗଲାଣି ହେଲେ ସେ କୌଣସି କାରଣ ଦର୍ଶାଇ ତାହାକୁ ପ୍ରତ୍ୟାଖାନ କରୁଛନ୍ତି।

ଅନ୍ୟପକ୍ଷରେ କର୍ମଚାରୀ ରାହୁଲ କୁମାର ସାହୁ ମଧ୍ୟ ଉକ୍ତ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିବାକୁ ଅଗ୍ରାହ୍ୟ କରିଛନ୍ତି। ଉପରୋକ୍ତ ଅସୁବିଧା ଦୃଷ୍ଟିରୁ ଲ୍ୟାମ୍ପସରେ ଚାଷୀଙ୍କୁ ସାର, ବିହନ ମିଳୁ ନ ଥିବା ବେଳେ ଖରିଫ ଋଣ ଲଗାଣରେ ଗୁରୁତର ବ୍ୟାହତ ସୃଷ୍ଟି ହେଉଛି। ଏ ସବୁ ସତ୍ତ୍ୱେ କର୍ତ୍ତୃପକ୍ଷ କ'ଣ ପାଇଁ ଚୁପ ରହିଛନ୍ତି ତାହା ଜଣାପଡୁନାହିଁ। ଏ ଦିଗରେ ଡିଆରସିଏସ୍ କିମ୍ବା ଏଆରସିଏସ୍ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି।

# ସାଇକେଲ୍ ଚଳାଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଲେ ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଅନ୍ୟପଟେ ଯାନବାହନରୁ ନିର୍ଗତ ଧୂଆଁ ଯୋଗୁଁ ପ୍ରଦୂଷଣ ମାତ୍ରା ସାଂଘାତିକ ରୂପ ନେଉଛି। ଏହି ସମସ୍ୟାର ସମାଧାନ ପାଇଁ ସମାଜକୁ ସଚେତନ କରାଇଛନ୍ତି ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀ। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ର ଓ ଛାତ୍ରୀ ନିଜ ନିଜ ସାଇକେଲ୍ ସହ ଏକାଠି ହୋଇଥିଲେ। ପେଟ୍ରୋଲ–ଡିଜେଲ ଗାଡ଼ିର ବ୍ୟବହାର କମାଇ ସାଇକେଲକୁ ଆପଣାଇବା ପାଇଁ ସେମାନେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ସାଇକେଲ୍ ଚଳାନ୍ତୁ, ପରିବେଶ ବଞ୍ଚାନ୍ତୁ, ନୀରୋଗ ରୁହନ୍ତୁ ନାରା ଦେଇ ସାଧାରଣ ଲୋକଙ୍କୁ ପ୍ରଦୂଷଣମୁକ୍ତ ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ନିବେଦନ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କର ଏହି ପ୍ରେରଣାଦାୟୀ ପଦକ୍ଷେପକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଛନ୍ତି।

# ଏମ୍ଭି–୭୯ରେ ଡ୍ରେନେଜ୍ ସମସ୍ୟା ଉତ୍କଟ, ସାମାନ୍ୟ ବର୍ଷାରେ ରାସ୍ତା ଜଳମଗ୍ନ : ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍ଭି–୭୯ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗିରହିଥିବା ଡ୍ରେନେଜ୍ ଓ ପରିଷ୍କାର–ପରିଚ୍ଛନ୍ନତା ସମସ୍ୟା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ମଧ୍ୟ ଅଞ୍ଚଳର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ଧରି ବର୍ଷାଜଳ ଜମି ରହୁଥିବାରୁ ଲୋକଙ୍କ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ସମସ୍ୟାର ସମାଧାନ ଦାବି ଜୋର ଧରିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏମ୍ଭି–୭୯ ଅଞ୍ଚଳରେ ଥିବା ଡ୍ରେନ୍‌ଟି ଦୀର୍ଘ ସମୟ ଧରି ସଫା କରାଯାଉନଥିବାରୁ ସେଥିରେ ମାଟି, ଆବର୍ଜନା ଓ ଅନ୍ୟାନ୍ୟ ଅପରିଷ୍କାର ସାମଗ୍ରୀ ଜମି ରହିଛି। ଫଳରେ ବର୍ଷା ସମୟରେ ପାଣି ସ୍ୱାଭାବିକ ଭାବେ ନିଷ୍କାସିତ ହୋଇପାରୁନାହିଁ। ଅନେକ ସ୍ଥାନରେ ନାଳନର୍ଦ୍ଦମା ଜବରଦଖଲ ହେବା ଓ ଅବ୍ୟବସ୍ଥିତ ଭାବେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଜଳ ନିଷ୍କାସନ ବ୍ୟବସ୍ଥା ଅଧିକ ବାଧାପ୍ରାପ୍ତ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି।

ବର୍ଷା ହେବା ପରେ ରାସ୍ତା ଉପରେ ପାଣି ଜମି ରହିବା ସହ ଘର, ଦୋକାନ ଓ ବିଭିନ୍ନ ପ୍ରତିଷ୍ଠାନ ସମ୍ମୁଖରେ ମଧ୍ୟ ଜଳାବଦ୍ଧତା ସୃଷ୍ଟି ହେଉଛି। ଏହା ଯୋଗୁଁ ଲୋକମାନେ ରାସ୍ତାରେ ଯିବାଆସିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ଜମି ରହିବା ଯୋଗୁଁ ରାସ୍ତାର ଅବସ୍ଥା ମଧ୍ୟ ଧୀରେ ଧୀରେ ଖରାପ ହେଉଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି।

ଏମ୍ଭି–୭୯ ଅଞ୍ଚଳରେ ଏସବିଆଇ ବ୍ୟାଙ୍କ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଏବଂ ଶିକ୍ଷାନୁଷ୍ଠାନ ରହିଛି। ଏହି କାରଣରୁ ପ୍ରତିଦିନ ଶତାଧିକ ଲୋକ ଏହି ଅଞ୍ଚଳ ଦେଇ ଯାତାୟାତ କରୁଛନ୍ତି। ବିଶେଷକରି ବର୍ଷା ଦିନରେ ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟୀ ଓ ସାଧାରଣ ଲୋକେ ମଧ୍ୟ ନାନା ସମସ୍ୟା ଭୋଗୁଛନ୍ତି। ଏହି ନାଳର ପାଣି ରାସ୍ତା ସହ ଲୋକଙ୍କ ଘର ଭିତରେ ମଧ୍ୟ ପ୍ରବେଶ କରିଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୫ ବର୍ଷ ଧରି ଲୋକେ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ପାଇଁ ଡ୍ରେନଗୁଡ଼ିକର ନିୟମିତ ସଫେଇ, ଅବରୋଧ ହୋଇଥିବା ନାଳନର୍ଦ୍ଦମାର ପୁନରୁଦ୍ଧାର ଏବଂ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ୍ ସହ ବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ନାଳନର୍ଦ୍ଦମା ଜବରଦଖଲ ଓ ଅବ୍ୟବସ୍ଥିତ ନିର୍ମାଣ ଯୋଗୁଁ ଯଦି ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥାଏ, ତେବେ ସମ୍ପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ମଧ୍ୟ ଦାବି ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ବର୍ଷା ପରିମାଣ ବଢ଼ିଲେ ଜଳାବଦ୍ଧତା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଏମ୍ଭି–୭୯ ଅଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ସହ ନିୟମିତ ସଫେଇ ଓ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ଲାକ ଡାଇମଣ୍ଡ ଉଦ୍‌ଘାଟନକୁ ଅଢ଼େଇ ବର୍ଷ ବିତିଲାଣି, ଖତ ଖାଉଛି ୨୪ କମ୍ପ୍ୟୁଟର

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ପାଠକଙ୍କୁ ମିଳିବ ବିଶ୍ୱସ୍ତରୀୟ ସୁବିଧା। କେବଳ ପାଠ୍ୟ ପୁସ୍ତକ ଉପଲବ୍ଧ ହେବନି, ୱାଇଫାଇ ସେବା ସାଙ୍ଗକୁ କମ୍ପ୍ୟୁଟରରେ ପାଠ ପଢ଼ିବେ ଛାତ୍ରଛାତ୍ରୀ। ବ୍ଲାକ୍ ଡାଇମଣ୍ଡରେ ପରିଚାଳିତ ବିଶ୍ୱସ୍ତରୀୟ ପାଠାଗାରକୁ ନେଇ ଏମିତି ରଙ୍ଗୀନ୍ ସ୍ୱପ୍ନ ଦେଖାଇଥିଲା ଜିଲ୍ଲା ପ୍ରଶାସନ। ମାତ୍ର ଉଦ୍‌ବେଗର ବିଷୟ, ବ୍ଲାକ ଡାଇମଣ୍ଡ ଉଦ୍‌ଘାଟନକୁ ଅଢ଼େଇ ବର୍ଷ ବିତିଲାଣି। ହେଲେ ଏଯାବତ୍ ଇ-ଲାଇବ୍ରେରୀ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ସେପଟେ ଇ-ଲାଇବ୍ରେରୀ ପାଇଁ କିଣାଯାଇଥିବା ୨୪ଟି କମ୍ପ୍ୟୁଟର ପଡ଼ିରହିଛି। ଏହାକୁ ଚାଲୁ କରିବାକୁ ଜିଲ୍ଲା ପ୍ରଶାସନର ସତେଯେମିତି ଆନ୍ତରିକତା ନାହିଁ। ବିନା କମ୍ପ୍ୟୁଟର ଓ ୱାଇଫାଇରେ ଇଏ କେମିତିକା ବିଶ୍ୱସ୍ତରୀୟ ଲାଇବ୍ରେରୀ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୩୬ କୋଟି ବିନିମୟରେ ନିର୍ମାଣ ହୋଇଛି ବ୍ଲାକ ଡାଇମଣ୍ଡ। କୋଇଲା ଆକୃତିର ଏହି କୋଠାରେ ଲାଇବ୍ରେରୀ ଓ ମ୍ୟୁଜିୟମ୍ ରହିଛି। ବିଶ୍ୱସ୍ତରୀୟ ପାଠାଗାର ବୋଲି ଜିଲ୍ଲା ପ୍ରଶାସନ କେବଳ ଡିଣ୍ଡିମ ପିଟୁଥିବା ବେଳେ ପ୍ରଶାସନିକ ଉଦାସୀନତା କାରଣରୁ ଇ-ଲାଇବ୍ରେରୀ ମାଟି କାମୁଡ଼ିଛି। ଭିତ୍ତିଭୂମି ଥିବା ସତ୍ତ୍ୱେ ବିଦ୍ୟାର୍ଥୀଙ୍କୁ ଏହାର ସୁଫଳ ମିଳୁନି। ଜିଲ୍ଲା ସଦର ମହକୁମାରେ ସଂସ୍କୃତି ବିଭାଗର ଏକ ପାଠାଗାର ରହିଛି। ଏହି ପୁରାତନ ପାଠାଗାର ନିଃଶୁଳ୍କ ଥିବା ବେଳେ ବ୍ଲାକ ଡାଇମଣ୍ଡକୁ ଦେୟଯୁକ୍ତ କରାଯାଇଛି। ପ୍ରତିଦିନ ୨୦ ଟଙ୍କାର ପ୍ରବେଶ ଫି' ଦେବାକୁ ହେବ। ଏହାଛଡ଼ା ପାଠକ ପାଠିକା ମାସିକ ୧୫୦ ଟଙ୍କାର ଦେୟ ପୈଠ କରି ପାଠାଗାରର ସୁବିଧା ନେଉଛନ୍ତି। ଏହି ଅତ୍ୟାଧୁନିକ ପାଠାଗାରରେ ପ୍ରାୟ ୩୦ ହଜାର ପୁସ୍ତକ ରହିଛି। ଭଲ ପୁସ୍ତକ, ବିଶେଷ କରି ଅଧିକ ଇଂରାଜୀ ପୁସ୍ତକ ଉପଲବ୍ଧ ଥିବାରୁ ପାଠକ



ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ଇଣ୍ଟରନେଟ୍ ଓ କମ୍ପ୍ୟୁଟର ସୁବିଧା ନଥିବାରୁ ଛାତ୍ରଛାତ୍ରୀ ଅସନ୍ତୋଷ ଝାଡୁଛନ୍ତି। ୨୪ଟି କମ୍ପ୍ୟୁଟର ଥିବା ସତ୍ତ୍ୱେ କାର୍ଯ୍ୟକ୍ଷମ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅପରପକ୍ଷରେ ପାଣ୍ଠିର ଅଭାବ ଦର୍ଶାଇ ପୂର୍ବରୁ ଜିଲ୍ଲା ପ୍ରଶାସନ ନିରବ ମୁଦ୍ରାରେ ବସିଥିଲା। ଏବେ ପ୍ରଶାସନ ଇ-ଲାଇବ୍ରେରୀକୁ ସମ୍ପୂର୍ଣ୍ଣ ଭାବେ ପାସୋରି ଦେଇଛି। ବ୍ଲାକ୍? ଡାଇମଣ୍ଡର ପରିଚାଳନା ଦାୟିତ୍ୱରେ ନିଜାରତ ବିଭାଗରେ ଥିବା ବେଳେ କର୍ତ୍ତୃପକ୍ଷ ବେଫିକର ହୋଇ ବସିଛନ୍ତି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି, ଇ-ଲାଇବ୍ରେରୀ ତିଆରି କରିଥିବା ମୂଳସଂସ୍ଥା କାମ ସମ୍ପୂର୍ଣ୍ଣ ନକରି ଚାଲିଯାଇଛି। ଯେଉଁ ଢଙ୍ଗରେ ଇ-ଲାଇବ୍ରେରୀ ବ୍ୟବସ୍ଥା ହୋଇଛି, ଟେକ୍ନିକାଲ୍ କାମ କୌଣସି ସ୍ଥାନୀୟ ସଂସ୍ଥା କରିବା ସମ୍ଭବ ନୁହଁ। ପାଣ୍ଠିକୁ ନେଇ କୌଣସି ସମସ୍ୟା ନାହିଁ। ମୂଳସଂସ୍ଥା ସହିତ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାମ ଆରମ୍ଭ କରି ଠିକାଦାର ଫେରାର : ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

**କେସିଙ୍ଗା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ବାଲସି ପଞ୍ଚାୟତର ମଶାଣିବନ୍ଧ ଗ୍ରାମର ଏମ୍‌ଇ ସ୍କୁଲ ନିକଟରେ ଆରଡି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତାକାମ କରିବାକୁ ଭବାନୀପାଟଣାର ଜଣେ ଠିକାଦାରଙ୍କୁ କାମ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଆଜକୁ ୫ମାସ ହେଲାଣି ଏମ୍‌ଇ ସ୍କୁଲରୁ କିଛି କାମ ଆରମ୍ଭ କରିଦେଇ ଠିକାଦାର ଛୁ ମାରିଥିବାରୁ ଛାତ୍ରୀଛାତ୍ର, ଗ୍ରାମବାସୀ ତଥା ବାଲ୍‌ସି, କୋକୋଡ଼ମାଲ, ରେଙ୍ଗାଲି, ବେଲାମାଲ ଆଦି ଗ୍ରାମର ଶହଶହ ଲୋକ ଏହି ରାସ୍ତା ଦେଇ କାଣ୍ଡେଲ, କେସିଙ୍ଗା, ଭବାନୀପାଟଣାକୁ ଯାଇଥାଆନ୍ତି। ସ୍କୁଲ ଛାତ୍ରୀଛାତ୍ର ସାଇକେଲ ଯିବା ଆସିବା ବେଳେ ଇଟାରେ ଝୁଣ୍ଟି ପଡୁଛନ୍ତି। ଏହି ଏମ୍‌ଇ ସ୍କୁଲ ସମ୍ମୁଖରେ ସାପ୍ତାହିକ ଶୁକ୍ରବାର ବଜାର ବସୁଥିବାରୁ ବହୁ ବ୍ୟବସାୟୀଙ୍କ ଭିଡ଼ ଜମିଥାଏ। ଏଠାରୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ବସ୍‌ଟି ବ୍ରେକ୍



ମାରିବା ସମୟରେ ଫେବର ଇଟା ଦେଇ ଉଠିବା ବେଳେ ଅସୁବିଧା ହେଉଛି। ଗ୍ରାମବାସୀ ବହୁବାର ଆରଡି ବିଭାଗର ଯନ୍ତ୍ରୀଙ୍କୁ କହି କହି ଥକ୍କି ଗଲେଣି। ରାସ୍ତା ନିର୍ମାଣ କରିବା ପାଇଁ ଶହଶହ ଫେବର ଇଟା ରାସ୍ତା ପାର୍ଶ୍ୱରେ ପଡ଼ିରହିଛି। ଠିକାଦାର ରାସ୍ତା କରିବାକୁ ଇଚ୍ଛା କରୁନାହାନ୍ତି। ଯାହାଫଳରେ ଲୋକଙ୍କ ଯିବା ଆସିବାବେଳେ ବହୁ ଅସୁବିଧା ହେଉଛି।

ସେହିପରି କାଣ୍ଡେଲ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ମଧ୍ୟ ଠିକାଦାର ଆଜକୁ ୫ ମାସ ହେଲାଣି ଅଧା କାମ କରି ବନ୍ଦ କରିଦେଇଛନ୍ତି। ସ୍କୁଲ ଭିତରେ ଓ ମୁଖ୍ୟ ଗେଟ୍ ସମ୍ମୁଖରେ ଆଣ୍ଠୁଏ ପାଣି ଜମି ରହୁଛି। ଛାତ୍ରୀଛାତ୍ର ସ୍କୁଲକୁ ଯିବା ଆସିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଆରଡି ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ବର୍ଷା ଲାଗି ରହିଛି। ବର୍ଷା କମି ଗଲେ କାଣ୍ଡେଲ ଓ ମଶାଣିବନ୍ଧ ଗ୍ରାମର ପ୍ରଧାନମନ୍ତ୍ରୀ ସଡ଼କ କାମ କରାଯିବ ବୋଲି ପ୍ରକାଶ କରିଥିଲେ।

# ନଳବଣ୍ଟା ଗ୍ରାମରୁ ବିପୁଳ ପରିମାଣର ବାଣ ଜବତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ନଳବଣ୍ଟା ଗ୍ରାମରେ ଗୋଟିଏ ବାଣ ଗୋଦାମ ଗୃହ ଉପରେ ଆସିକା ପୁଲିସ ଚଢ଼ଉ କରି ୨୦ ବସ୍ତା ବାଣ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ ବୋଲି ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଥାନାରେ ୪୦୭/୨୬ ଓ ୪୦୮/୨୬ ଦୁଇଟି ମାମଲା ରୁଜୁ ହୋଇଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବାଣର ବହୁଳ ବିକ୍ରି ବଟା ପାଇଁ ବାଣ ପ୍ରସ୍ତୁତି ଚାଲିଛି। ଓଡ଼ିଶା ତଥା ଓଡ଼ିଶା ବାହାରେ ମଧ୍ୟ ଏହି ବାଣର ବିଶେଷ ଚାହିଦା ରହିଛି। ନଳବଣ୍ଟା ଗ୍ରାମରେ ବାଣ ପ୍ରସ୍ତୁତି ଏକ ପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଛି। ବାଣ ତିଆରି କାର୍ଯ୍ୟରେ ବୁଢ଼ା ଠାରୁ ପିଲା ପର୍ଯ୍ୟନ୍ତ ସବୁବର୍ଗର ଲୋକେ ଏହି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହେଉଥିବା ଓ ବିନା ଲାଇସେନ୍ସରେ ଏହି କାର୍ଯ୍ୟ ଚାଲିଥିବା ଅଭିଯୋଗ ହେଉଛି।

# କାଲିଚକ ଭଣ୍ଡାରୀପଡ଼ା ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥା : ବଢୁଛି ଦୁର୍ଘଟଣା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଏହା କେଉଁ ଗାଁର ରାସ୍ତା ନୁହେଁ, ବରଂ ଖଡ଼ିଆଳ ସହରର ୱାର୍ଡ ନଂ.୯ ଅନ୍ତର୍ଗତ କାଲିଚକ ଭଣ୍ଡାରୀପଡ଼ାର ମୁଖ୍ୟ ରାସ୍ତା। ରାସ୍ତାଟି ଅତ୍ୟନ୍ତ ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ଯାତାୟାତରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ପଡ଼ିଲେ ଏହି ରାସ୍ତାକୁ ଖଡ଼ିଆଳର ବାଇପାସ ଭାବେ ମଧ୍ୟ ବ୍ୟବହାର କରାଯାଏ। କିନ୍ତୁ ରାସ୍ତାର ଖରାପ ଅବସ୍ଥା ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ। ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ରାସ୍ତାର ମରାମତି ଓ ଉନ୍ନତିକରଣ କରିବାକୁ ଦାବି କରିଛନ୍ତି। ସମୟ ଥିବାବେଳେ ପଦକ୍ଷେପ ନ ନିଆଗଲେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଛି।

# ରାସ୍ତାରେ ବୁଲା ଗୋରୁଙ୍କ ଆତଙ୍କ : ବଢୁଛି ଦୁର୍ଘଟଣା, ସ୍ଥାୟୀ ସମାଧାନ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଓ ସହରାଞ୍ଚଳରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ସାଧାରଣ ଲୋକଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହେଉଛି। କାର୍ଯ୍ୟକ୍ଷମ ଗୋଶାଳାର ଅଭାବ ଓ ଯଥାଯଥ ପରିଚାଳନା ନ ଥିବାରୁ ଗୋରୁମାନେ ମୁଖ୍ୟ ରାସ୍ତାକୁ ଚାଲିଆସୁଛନ୍ତି। ଫଳରେ ଦିନ ହେଉ କି ରାତି, ସହରର ବିଭିନ୍ନ ବ୍ୟସ୍ତବହୁଳ ରାସ୍ତାରେ ଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ବଢ଼ିଚାଲିଛି।

ସୂଚନାଯୋଗ୍ୟ, ପ୍ରାୟ ୧୫ ଦିନ ପୂର୍ବେ କୋଲାବିରା ମୁଖ୍ୟ



ରାସ୍ତାରେ ଏକ ବୋଲେରୋ ଗାଡ଼ି ଧକ୍କାରେ ତିନିଟି ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଡ଼ିରେ ଥିବା ଚାରିଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ବିଶେଷକରି ସନ୍ଧ୍ୟା ସମୟ ଓ ବର୍ଷା ଋତୁରେ ହଠାତ୍ ରାସ୍ତା ମଝିକୁ ଗୋରୁ ଚାଲିଆସିବା ଯୋଗୁଁ ପ୍ରାୟ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ୍ ଓ ଆବର୍ଜନା ଖାଇ ଏହି ମୂକ ପଶୁମାନେ ବିଭିନ୍ନ ରୋଗରେ ପୀଡ଼ିତ ହେଉଥିବାରୁ ପଶୁ କଲ୍ୟାଣକୁ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ସେପଟେ ଝାରସୁଗୁଡ଼ା ବଜରଙ୍ଗ ଦଳର ମୁଖ୍ୟ ରବି ଗିଦ୍ୱାନୀ କହିଛନ୍ତି ଯେ, ସଂଗଠନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରୁ ଆହତ ଗୋରୁଙ୍କୁ ଉଦ୍ଧାର କରି ଚିକିତ୍ସା କରାଯାଉଛି। ତେବେ ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ଠୋସ୍ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ହୋଇପାରୁ ନାହିଁ। ପୌରପାଳିକା ଓ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତାରୁ ବୁଲା ଗୋରୁଙ୍କୁ ହଟାଇ ସୁରକ୍ଷିତ ଗୋଶାଳାରେ ରଖିବା ସହ ସ୍ଥାୟୀ ବ୍ୟବସ୍ଥା କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

# ଏକ୍ସ–ରେ ମେସିନ ଅଚଳ : ହନ୍ତସନ୍ତ ହେଉଛନ୍ତି ରୋଗୀ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ଏକ ମାତ୍ର ଏକ୍ସ–ରେ ମେସିନ ଗତ ୪ ଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ଏକ୍ସରେ ଉପରେ ନିର୍ଭର କରୁଥିବା ୨୫ ପଞ୍ଚାୟତର ରୋଗୀମାନେ ନିରାଶ ହୋଇ ଫେରିବା ସହ ଜରୁରୀକାଳିନ ପରିସ୍ଥିତିରେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଫୁଲବାଣୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ କିଛି ରୋଗୀ ବ୍ରହ୍ମପୁର, ଭଞ୍ଜନଗରକୁ ଏକ୍ସରେ କରାଇବା ପାଇଁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି। ଦାରିଙ୍ଗବାଡ଼ିରେ ଅସ୍ଥିଶଲ୍ୟ ବିଭାଗର କୌଣସି ବିଶେଷଜ୍ଞ ନ ଥିଲେ ମଧ୍ୟ ଲୋକଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଦୀର୍ଘବର୍ଷ ଧରି ଏକ୍ସରେ ମେସିନ ସ୍ଥାପନ କରାଯାଇଛି କିନ୍ତୁ ଉକ୍ତ ଏକ୍ସରେ ମେସିନ ଅତ୍ୟାଧୁନିକ ଓ ଡିଜିଟାଲ ହୋଇଥିବାରୁ ବାରମ୍ବାର ଅଚଳ ହୋଇପଡ଼ିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଇମେଲ ଓ ଚିଠି କରିବା ପରେ ମରାମତି କରିବାକୁ ଟେକ୍‌ନିସିଆନ ପହଞ୍ଚି ମରାମତି କରନ୍ତି। ଫଳରେ ଏକ୍ସରେ ସ୍ୱାଭାବିକ ହେବାକୁ ଦିନ ପରେ ଦିନ ବିତିଯାଉଥିବାରୁ ଜନ ଅସନ୍ତୋଷ ଦେଖାଯାଉଛି।







## ବାଣିଜ୍ୟ ଦିବସ-୨୦୨୬ | ନବସୃଜନ, ନୈତିକତା ଓ ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱ




**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ବ୍ୟବସାୟ ପରିଚାଳନା ବିଭାଗ ଓ କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ମିଳିତ ସହଯୋଗରେ ବାଣିଜ୍ୟ ଦିବସ-୨୦୨୬ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନରେ ବାଣିଜ୍ୟ ଓ ପରିଚାଳନା ଶିକ୍ଷାର ବଦଳୁଥିବା ଭୂମିକା ଉପରେ ଆଲୋଚନା କରିଥିଲେ। ବ୍ୟବସାୟ ପରିଚାଳନା ବିଭାଗର ମୁଖ୍ୟ ତଥା କର୍ମଚାରୀ ପରିଚାଳନା ଏବଂ ଔଦ୍ୟୋଗିକ ସମ୍ପର୍କ ବିଭାଗର ସଂଯୋଜିକା ପ୍ରଫେସର ପଦ୍ମଲିତା ରାଉତରାୟ ବର୍ତ୍ତମାନ ସମୟରେ ବହୁବିଷୟକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ନେତୃତ୍ୱ ଦକ୍ଷତା ଓ ନୈତିକ ମୂଲ୍ୟବୋଧକୁ ଆପଣାଇ ବାଣିଜ୍ୟ କ୍ଷେତ୍ରରେ ନିଜ ବୃତ୍ତି ଗ୍ରହଣ କରି ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ। ସଭାରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ- ବାଣିଜ୍ୟ ବିଭାଗକୁ ଏଭଳି ଏକ ସମୟୋପଯୋଗୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅଭିନନ୍ଦନ ଜଣାଇ ପ୍ରଶଂସା କରିଥିଲେ। ସେ କହିଥିଲେ, ବର୍ତ୍ତମାନ ବାଣିଜ୍ୟ ଶିକ୍ଷା କେବଳ ହିସାବ ଓ ଅର୍ଥନୀତିରେ ସୀମିତ ନାହିଁ; ଏହା ନବସୃଜନ, ଡିଜିଟାଲ୍ ରୂପାନ୍ତରଣ, ସ୍ଥାୟୀ ବିକାଶ ଓ ଉଦ୍ୟୋଗୀ ସୃଷ୍ଟିକୁ ମଧ୍ୟ ସାମିଲ୍ କରୁଛି। ସତ୍ୟନିଷ୍ଠା, ବୃତ୍ତିଗତ ଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ ସହ ନିଜକୁ ପ୍ରସ୍ତୁତ କରି ବିଶ୍ୱସ୍ତରୀୟ ସୁଯୋଗର ସଦୁପଯୋଗ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ଶିକ୍ଷା ନୀତି ଅନୁରୂପ ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ଶିଳ୍ପାନୁଷ୍ଠାନ ଭିତ୍ତିକ ଶିକ୍ଷା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ପ୍ରୟାସରତ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପ୍ରଫେସର ପ୍ରଭାତ କୁମାର ମହାନ୍ତି ଯୋଗଦେଇ- ଶିକ୍ଷା ସହ ବ୍ୟବହାରିକ ଅଭିଜ୍ଞତାର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ବିଶ୍ଳେଷଣାତ୍ମକ ଚିନ୍ତାଧାରା, ଆର୍ଥିକ ସଚେତନତା ଓ ଆଜୀବନ ଶିକ୍ଷା ପ୍ରତି ଆଗ୍ରହ ହିଁ ବଦଳୁଥିବା ବ୍ୟବସାୟିକ ପରିବେଶରେ ସଫଳତାର ଚାବିକାଠି ବୋଲି ସେ କହିଥିଲେ। ବିଶେଷ ସମ୍ମାନିତ ଅତିଥି ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ଯୋଗଦେଇ-ଉଦ୍ୟୋଗୀ ସୃଷ୍ଟି, ନବସୃଜନ ଓ ନୈତିକ ବ୍ୟବସାୟ ପଦ୍ଧତିର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ଛାତ୍ରଛାତ୍ରୀମାନେ କେବଳ ଚାକିରି ଖୋଜୁଥିବା ନୁହେଁ, ବରଂ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ନିଜ ବକ୍ତବ୍ୟରେ, ଦାୟିତ୍ୱବାନ ବୃତ୍ତିଜୀବୀ ଓ ସଫଳ ଉଦ୍ୟୋଗୀ ସୃଷ୍ଟିରେ ବାଣିଜ୍ୟ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ବାଣିଜ୍ୟ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ବାଣିଜ୍ୟ ବିଭାଗର ସଂଯୋଜକ ଡକ୍ଟର ଦେବଦତ୍ତ ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବିଭାଗ ଅଧ୍ୟାପିକା ଡକ୍ଟର ଗାୟତ୍ରୀ ଗୁହା ରାୟ ଓ ଶୁଭଶ୍ରୀ ଖିଲାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡକ୍ଟର ରାଜାରାମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ପରେ ଧର୍ମେନ୍ଦ୍ରଙ୍କ ସମ୍ବଲପୁର ଗସ୍ତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲାପରେ ଆସନ୍ତା ଦୁଇଦିନ ଧରି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଥମ ସମ୍ବଲପୁର ଗସ୍ତ ରହିଛି। ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ସାଂସଦ ୮ ତାରିଖ ସକାଳେ ରେଢ଼ାଖୋଲରେ ପ୍ରଥମେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ରେଢ଼ାଖୋଲରେ ଆରମ୍ଭ ହେବାକୁଥିବା କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ୍‌ର ଶୁଭାରମ୍ଭ ଓ ସ୍ଥାୟୀ କ୍ୟାମ୍ପସ୍‌ର ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ୍ ହେବେ। ଅପରାହ୍ନରେ ସମଲେଶ୍ୱରୀ ମନ୍ଦିରରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବେ। ପରେ ଗଙ୍ଗାଧର ମେହେର ଏକକ ବିଶ୍ୱବିଦ୍ୟାଳୟରେ ହେବାକୁଥିବା 'ମାଟିର ମହକ୍' କର୍ଯ୍ୟକ୍ରମରେ ଯୋଗଦେବେ। ଏଥିରେ ପଶ୍ଚିମ ଓଡ଼ିଶାର ସମସ୍ତ ପଦ୍ମ ପୁରସ୍କାରରେ ସମ୍ମାନିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ୯ ତାରିଖ ସକାଳେ



ସମ୍ବଲପୁରରେ ହେବାକୁଥିବା ତ୍ରିରଙ୍ଗା ପଦଯାତ୍ରାରେ ସାମିଲ୍ ହେବେ। ଏହି ତ୍ରିରଙ୍ଗା ପଦଯାତ୍ରା ରିଜର୍ଭ ପୋଲିସ ଲାଇନ୍ ପଡ଼ିଆରୁ ଆରମ୍ଭ ହୋଇ ଲକ୍ଷ୍ମୀ ଟକିଜ୍ ଛକ, ଗୋଲ୍ ବଜାର ଛକ, ଶକ୍ତି ଛକ, ପୁରୁଣା ମ୍ୟୁନିସିପାଲିଟି ଛକ ଦେଇ ସହିଦ୍ ଛକରେ ପହଞ୍ଚିବ। ସହିଦ୍ ଛକରେ ଥିବା ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲାପରେ ପଦଯାତ୍ରା ଜେଲ୍ ଛକକୁ ଯିବ। ସେଠାରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହିସବୁ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ସମ୍ବଲପୁରବାସୀ ସାମିଲ୍ ହୁଅନ୍ତୁ ବୋଲି ଜିଲ୍ଲାସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଓ ଜିଲ୍ଲା ସାଧାରଣ ସମ୍ପାଦକ ସମିର ରଞ୍ଜନ ବାବୁ ଅନୁରୋଧ କରିଛନ୍ତି।

## କୋଟପାଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ଉଦ୍‌ଘାଟିତ



**କୋରାପୁଟ/କୋଟପାଡ଼, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ସୀମାନ୍ତବର୍ତ୍ତୀ କୋଟପାଡ଼ ବ୍ଲକ ସଦରରେ ଏକ ତିରିଶି ଶଯ୍ୟା ବିଶିଷ୍ଟ ନୂତନ କୋଠାର ଉଦ୍‌ଘାଟନ ସ୍ଥାନୀୟ ବିଧାୟକଙ୍କ କରକମଳରେ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଗୁରୁଚରଣ ମାହାନ୍ତ, କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ବିଶ୍ୱଜିତ ମଲ୍ଲିକ, ବରିଷ୍ଠ ଫାର୍ମାସିଷ୍ଟ ସୂର୍ଯ୍ୟନାରାୟଣ ପାଢ଼ୀ ଏବଂ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ, ଭାରପ୍ରାପ୍ତ ତହସିଲଦାର ପର୍ଶୁରାମ ଭତ୍ରା, ଏନ୍‌ଏସି ଅଧ୍ୟକ୍ଷ ଶଙ୍କର ରାଓ, ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ଭାରପ୍ରାପ୍ତ ଥାନା ଅଧିକାରିଣୀ ଦିପ୍ତିମୟୀ ଧରୁଆ ଏବଂ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ, ସମାଜସେବୀ, ଆଶା କର୍ମୀ, ବିଭିନ୍ନ ଅନୁଷ୍ଠାନର କର୍ତ୍ତୃପକ୍ଷ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମେତ ସାଂସଦ, ବିଧାୟକ ପ୍ରତିନିଧି ଉପସ୍ଥିତ ରହିଥିଲେ। ପ୍ରାୟ ୭,୭୯,୬୯,୬୨୨ ଟଙ୍କାରେ ନିର୍ମିତ କୋଠାକୁ ଜନସାଧାରଣଙ୍କ ସେବା ନିମିତ୍ତ ଉତ୍ସର୍ଗ କରାଯାଇଛି ।



## ସଟ୍ଟା ଆଡ୍ଡାରେ ଚଢ଼ଉ:ଟଙ୍କା ସହ ଜଣେ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଡୁଙ୍ଗୁରିପାଲି ଗସ୍ତରେ ଯାଇଥିଲେ । ହେଲେ ଖବରପାଇ ହଠାତ୍ ସଟ୍ଟା ଆଡ୍ଡା ଭିତରକୁ ପଶିବା ସହ ଚଢ଼ଉ କରିଥିଲେ । ପରେ ଡୁଙ୍ଗୁରିପାଲି ପୋଲିସକୁ ଖବର ଦେବାପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଡୁଙ୍ଗୁରିପାଲି ଗାଁର ମନବୋଧ ନାଏକ (୩୬) ନାମକ ସଟ୍ଟା ଖେଳାଉଥିବା ଯୁଆଡ଼ିକୁ ଗିରଫ କରିବା ସହ ସଟ୍ଟା କାଗଜ ସାମଗ୍ରୀ ଏବଂ ୨ ହଜାର ୭୯୦ ଟଙ୍କାକୁ ଜବତ କରିଛି ପୋଲିସ । ଏ ବିଷୟରେ ପୋଲିସ ଥାନାରେ ଏକ ମକଦ୍ଦମା ରୁଜୁ କରିଛି। କିନ୍ତୁ ଥାନା ନିକଟରେ ସଟ୍ଟା ଖେଳ ଚାଲିଥିଲେ ବି ଡୁଙ୍ଗୁରିପାଲି ପୋଲିସ ଜାଣି ଅଜଣା ରହୁଥିବା ବେଳେ ଜିଲ୍ଲାପାଳ ଚଢଉ କରିଥିବାରୁ ଜିଲ୍ଲାପାଳଙ୍କ ଏଭଳି ପଦକ୍ଷେପକୁ ନେଇ ଅଞ୍ଚଳରେ ପ୍ରଶଂସା କରାଯାଇଛି । ଏହା ସ୍ଥାନୀୟ ପୋଲିସର ଜାଣତରେ ହେଉଛି ବୋଲି ସନ୍ଦେହ ହେଉଥିବା ବେଳେ ଏଥିରେ ପିସି କାରବାର ହେଉଥିବା କୁହାଯାଉଛି। ତେଣୁ ଏଥିପ୍ରତି ଏସ୍‌ପି ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ହଷ୍ଟେଲ୍ ଚିଫ୍ ୱାର୍ଡେନ ଦୁର୍ବ୍ୟବହାର ଘଟଣା:ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ ସଙ୍କଟ

**କଟକ, ନ୍ୟୁଜ୍ ବ୍ୟୁରୋ**



ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉପୁଜିଥିବା ପ୍ରଶାସନିକ ସଙ୍କଟ ଓ ଆନ୍ଦୋଳନାତ୍ମକ ପରିବେଶ ମଧ୍ୟରେ ଶେଷରେ ନିଜର ପ୍ରତିକ୍ରିୟା ରଖିଛନ୍ତି କୁଳପତି ପ୍ରଫେସର ଡ଼ ଅର୍କ କୁମାର ଦାସ ମହାପାତ୍ର। ସୂଚନାଯୋଗ୍ୟ, ହଷ୍ଟେଲ୍ ସମସ୍ୟା ନେଇ ମଙ୍ଗଳବାର ବୈଠକ ଚାଲିଥିବା ବେଳେ କଟକ ସଦର ବିଧାୟକ ପ୍ରକାଶ ସେଠୀ ଚିଫ୍ ୱାର୍ଡେନ୍‌ଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଏକାଧିକ ୱାର୍ଡେନ୍ ହଷ୍ଟେଲ୍ ଦାୟିତ୍ୱରୁ ଓହରିଯିବା ସହ ଭିସିଙ୍କୁ ଭେଟି ସାମୂହିକ ଇସ୍ତଫା ପତ୍ର ଦେଇଛନ୍ତି। ଗୁରୁବାର ୱାର୍ଡେନ୍ ସଂଘ, କ୍ୟାମ୍ପସ୍ ପରିସରରେ ଏକ ପଦଯାତ୍ରାରେ ଯାଇ କୁଳପତିଙ୍କୁ ୪ ଦଫା ଦାବି ପତ୍ର ଦେଇଛନ୍ତି। ଏଥିସହିତ ବିଧାୟକ ସେଠୀ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ୱାର୍ଡେନ୍ ସଂଘ ଦାବିକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ମଧ୍ୟ ସମର୍ଥନ ଜଣାଇଛି। ଅନ୍ୟପକ୍ଷରେ ବିଧାୟକ ପ୍ରକାଶ ସେଠୀ ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ୍ ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ ସେ ସିନେଟ୍ ମେମ୍ବର ଭାବରେ ବିଶ୍ୱବିଦ୍ୟାଳୟକୁ ଯାଇ ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ତେବେ ସେଠାରେ ତାଙ୍କୁ ଚିଫ୍ ୱାର୍ଡେନ୍ ଦୁର୍ବ୍ୟବହାର କରିଥିବା ପ୍ରକାଶ ସେଠୀ ଅଭିଯୋଗ କରିଛନ୍ତି। ଜଣେ ଲୋକପ୍ରତିନିଧିଙ୍କୁ ସର୍ବସାଧାରଣରେ ଦୁର୍ବ୍ୟବହାର କରିଥିବାରୁ ସରକାରୀ କର୍ମଚାରୀ ସୁଦର୍ଶନ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ୱାର୍ଡେନ୍ ସଂଘର ଆନ୍ଦୋଳନକୁ ନେଇ ପ୍ରକାଶ ସେଠୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ////////////// ମୌଳିକ ସୁବିଧା ଓ ନିମ୍ନମାନର ଖାଦ୍ୟ ଯୋଗାଣ //////////////

## ହଷ୍ଟେଲ୍ ଛାଡ଼ି ଘରମୁହାଁ ହେଲେ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ର

**ଝରିଗାଁ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ସାନଟେମରା ଉଚ୍ଚ ବିଦ୍ୟାଳୟରୁ ସାମ୍ନାକୁ ଆସିଛି ଏକ ଅଭାବନୀୟ ଘଟଣା। ହଷ୍ଟେଲ୍‌ରେ ମୌଳିକ ସୁବିଧାର ଅଭାବ ଓ ନିମ୍ନମାନର ଖାଦ୍ୟ ଯୋଗାଣକୁ ବିରୋଧ କରି ଏକାସାଙ୍ଗରେ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ର ଅନ୍ତେବାସୀ ହଷ୍ଟେଲ୍ ଛାଡ଼ି ଘରମୁହାଁ ହୋଇଛନ୍ତି। ଛାତ୍ରମାନେ ହଷ୍ଟେଲ୍ ଛାଡ଼ିବା ପରେ ପ୍ରାୟ ୧୨



କିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଚାଲି ଚାଲି ଯାଉଥିବା ଦୃଶ୍ୟ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ଅନୁଯାୟୀ, ହଷ୍ଟେଲ୍‌ରେ ଯୋଗାଯାଉଥିବା ଖାଦ୍ୟର ମାନ ଏକଦମ୍ ନିମ୍ନମାନର ଥିଲା ଏବଂ ରହିବା ପାଇଁ ଆବଶ୍ୟକ ମୌଳିକ ସୁବିଧା ମଧ୍ୟ ମିଳୁନଥିଲା। ଯାହାକୁ ନେଇ ଅସନ୍ତୋଷ ପ୍ରକାଶକରି ଛାତ୍ରମାନେ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଖବରପାଇ ଛାତ୍ରମାନଙ୍କ ପରିବାର ସଦସ୍ୟ ରାସ୍ତାରେ ପହଞ୍ଚି ସେମାନଙ୍କୁ ନିଜ ନିଜ ଘରକୁ ନେଇଯାଇଛନ୍ତି। ଅନ୍ୟପଟେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଜଲକ୍ଷ୍ମୀ ମହାରଣା କିନ୍ତୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାସହ ହଷ୍ଟେଲ୍‌ରେ ଅବ୍ୟବସ୍ଥା ରହିଥିବା କଥାକୁ ସ୍ୱୀକାର କରିଛନ୍ତି। କିନ୍ତୁ ପିଲାଙ୍କୁ ପୋକରା ଚାଉଳ ଦେବା କଥାକୁ ଖଣ୍ଡନ କରିଛନ୍ତି।



## ଇମ୍ଫା ପକ୍ଷରୁ 'ଇ-ଶିକ୍ଷା ଏକ୍ସପ୍ରେସ୍' ଶୁଭାରମ୍ଭ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇମ୍ଫା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଚୌଦ୍ୱାରରେ ଏକ ଅଭିନବ ଭ୍ରାମ୍ୟମାଣ ଶିକ୍ଷା ଯୋଜନା 'ଇ-ଶିକ୍ଷା ଏକ୍ସପ୍ରେସ୍' ଶୁଭାରମ୍ଭ ହୋଇଛି। ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରିବା ଏବଂ ଗ୍ରାମାଞ୍ଚଳରେ ଶିକ୍ଷାର ପହଞ୍ଚକୁ ସୁଦୃଢ଼ କରିବା ଲକ୍ଷରେ ଫାଉଣ୍ଡେସନ୍ ତରଫରୁ ପ୍ରସ୍ତୁତ ଆଧୁନିକ ଜ୍ଞାନ କୌଶଳ ସମ୍ପନ୍ନ ଏକ ଭ୍ରାମ୍ୟମାଣ ଶିକ୍ଷାଯାନକୁ କଟକ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ବିଆଇପିଏଫ୍‌ର ଉପ ସଭାପତି ଧର୍ମେଶ ଗୋହେଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଇ-ଶିକ୍ଷା ଏକ୍ସପ୍ରେସ୍‌ଟି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଛାତ୍ରଛାତ୍ରୀ ମାନଙ୍କୁ କମ୍ପ୍ୟୁଟର ଶିକ୍ଷା, ଡିଜିଟାଲ୍ ସାକ୍ଷରତା ତଥା ଆଧୁନିକ ଶିକ୍ଷାଗତ ସମ୍ବଳ ଯୋଗାଇବାରେ ସହାୟକ ହେବ ବୋଲି ଫାଉଣ୍ଡେସନ୍ ପକ୍ଷରୁ ସୂଚନା ଦିଆଯାଇଛି। ଇମ୍ଫାର ଲୋକସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆଙ୍କ ପରିଚାଳନାରେ ତଥା ବିଆଇପିଏଫର ମୟନାକ ସର୍କାର ଓ ଅନନ୍ୟା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲଲାଟ ମହାପାତ୍ର, ପଦ୍ମ୍ୟୁମ୍ନ ମହାନ୍ତି, ଦେବାଶୀଷ ତ୍ରିପାଠୀ, ବବିତ ନନ୍ଦ, ଶୁଭଦୀପ ଦାସ, ନିରଞ୍ଜନ ସାହୁ, ମାନସ ପ୍ରଧାନ, ଅଭିଷେକ ଘୋଷ, ସୁଶାନ୍ତ ନାୟକ, ରଞ୍ଜିତ ବେହେରା, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଇମ୍ଫାର ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇଥିଲେ।

## ବିଏମ୍‌ସିର ସ୍ୱାୟତ୍ତ ଶାସନ ଚିନ୍ତା:୯ ବର୍ଷରେ ପ୍ରକଳ୍ପ ବ୍ୟୟ ୧୨.୫%କୁ ହ୍ରାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରବାସୀଙ୍କୁ କିଛି ବୃହତ୍ ପ୍ରକଳ୍ପ ଉପହାର ଦେବା, ପାଖରେ ନାଗରିକ କୈନ୍ଦ୍ରିକ ସୁବିଧା ଉପଲବ୍ଧ କରାଇବା, ତା'ସହ ଆଉ କିଛି ଛୋଟମୋଟ ପ୍ରକଳ୍ପ ଭେଟି ଦେବା ଏବଂ ପରବର୍ତ୍ତୀ ବର୍ଷ ପାଇଁ ପ୍ରକଳ୍ପର ଶିଳାନ୍ୟାସ କରିବା ସ୍ୱାୟତ୍ତ ଶାସନ ଦିବସ ପାଳନର ଉଦ୍ଦେଶ୍ୟ ଥିଲା । ଉନ୍ନୟନ ପ୍ରକଳ୍ପର ତାଲିକା ଏତେ ରହୁଥିଲା ଯେ ଦୁଇ ଦିନ ଧରି ଉତ୍ସବ ପାଳିବାକୁ ପଡୁଥିଲା । ଗୋଟିଏ ଦିଗରେ ଶିଳାନ୍ୟାସ ଓ ଉଦ୍‌ଘାଟନ ସରୁନଥିଲା । ଏବେ ବିଏମ୍‌ସିର ସ୍ଥିତି ବଦଳି ଯାଇଛି । ଶେଷ ଦଶ ବର୍ଷ ହେବ ସ୍ୱାୟତ୍ତ ଶାସନ ତାଲିକା ଖସି ଚାଲିଛି । କେତେବେଳେ ଶୂନ୍ୟ ହୋଇଯାଉଛି ତ ଆଉ କେତେବେଳେ କାମ ଚଳାଇବାକୁ ପଡୁଛି । ୨୦୧୭ରେ ୨୦୦ କୋଟିର ସ୍ୱାୟତ୍ତ ଶାସନ ବନାମ୍ ୨୦୨୫ରେ ୧୫.୩୩ କୋଟି । ନଅ ବର୍ଷରେ ବିକାଶର ଗତି ଶିଥିଳ ହୋଇଯାଇଛି ଏବଂ ଉନ୍ନୟନ ହାର ୧୨.୫ ପ୍ରତିଶତକୁ ଖସିଆସିଛି । ସ୍ୱାୟତ୍ତ ଶାସନ ଦିବସକୁ ଆଉ ପ୍ରାୟ ମାସେ ରହିଲା । ବ୍ରହ୍ମପୁର ମହାନଗରର ନିର୍ବାଚିତ କର୍ପୋରେସନ୍‌ର ଏହା ଶେଷ ବର୍ଷ । ଆଉ ଶେଷ ସ୍ୱାୟତ୍ତ ଶାସନ ଦିବସ ମଧ୍ୟ । ସହରବାସୀ ତ ବଡ଼ ପ୍ରକଳ୍ପ ଆଶା ରଖିଛନ୍ତି । ହେଲେ ବିଏମ୍‌ସି କଣ ଭେଟି ଦେବ ବୋଲି ପ୍ରଶ୍ନ ହେଲାଣି । ୨୦୧୭ରେ ବ୍ରହ୍ମପୁର ପୌରପାଳିକା ଏବେ ବ୍ରହ୍ମପୁର ମହାନଗର ନିଗମ ଗଠନର ୧୫୦ ବର୍ଷ ପୂର୍ତ୍ତି ଏବଂ ସ୍ୱାୟତ୍ତ ଶାସନ ଦିବସ ଗୋଟିଏ ଦିନରେ ପାଳନ କରାଯାଇଥିଲା । ତତ୍‌କାଳୀନ ସରକାରର ମୁଖିଆ ନିଜେ ବ୍ରହ୍ମପୁର ଆସି ପ୍ରାୟ ୨ ଶହ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ । ସେବେଠାରୁ ବ୍ରହ୍ମପୁରବାସୀଙ୍କ ସ୍ୱାୟତ୍ତ ଶାସନରେ ଭେଟି ପାଇବାର ଆଶା ବଢ଼ିଯାଇଛି। ୨୦୧୮ ମସିହାରେ ପ୍ରକଳ୍ପର ମୂଲ୍ୟ ୧୦୦ କୋଟିକୁ ଖସିଆସିଥିଲା। ୨୦୧୮ ଅକ୍ଟୋବରରେ କର୍ପୋରେସନ୍ ଭଙ୍ଗ ହେଲା । ନିଗମ ପରିଚାଳନା ଦାୟିତ୍ୱରେ ପ୍ରଶାସନ ଭାବେ ରହିଲେ ଜିଲ୍ଲାପାଳ । ୨୦୧୯ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାତ୍ର ୬୦ କୋଟି ଟଙ୍କାର ପ୍ରକଳ୍ପ ଲୋକଙ୍କୁ ଦିଆଯାଇଥିଲା । ୨୦୨୦ରେ କରୋନା ମହାମାରୀ ଯୋଗୁ ସ୍ୱାୟତ୍ତ ଶାସନ ଦିବସ ପାଳନ ବନ୍ଦ ହୋଇଯାଇଥିଲା । ୨୦୨୧ରେ ପୁଣି ଥରେ ଏହି ଦିବସ ପାଳନ କରାଯାଇଥିଲା । କିନ୍ତୁ ପୂର୍ବ ବର୍ଷଗୁଡ଼ିକ ଭଳି ଆଉ ଆଗ୍ରହ ଦେଖିବାକୁ ମିଳିନଥିଲା । କାରଣ ନିଗମର ନିର୍ବାଚନ ହୋଇନଥିଲା । ତଥାପି ପ୍ରାୟ ୧୦ କୋଟି ଟଙ୍କାର ବିଭିନ୍ନ ପ୍ରକାର ଉନ୍ନୟମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ଏବଂ ଉଦ୍‌ଘାଟନ ହୋଇଥିଲା । ୨୦୨୨ରେ ମହାନଗର ନିଗମର ନିର୍ବାଚନ ଅନୁଷ୍ଠିତ ହେଲା । ନବ ନିର୍ବାଚିତ ଜନ ପ୍ରତିନିଧିମାନେ ଦାୟିତ୍ୱ ସମ୍ଭାଳିଥିଲେ । ସେ ବର୍ଷ ଅଗଷ୍ଟରେ ପ୍ରଥମ କର୍ପୋରେସନ୍ ବୈଠକ ହୋଇଥିଲା । ସହରବାସୀଙ୍କୁ ଭେଟି ଦେବାକୁ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା । ୨୦୨୩ରେ କୌଣସି ପ୍ରକଳ୍ପର ଉଦ୍‌ଘାଟନ ନାହିଁ କି ଶିଳାନ୍ୟାସ ହୋଇନଥିଲା । କେବଳ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉତ୍ସବ ପାଳନ ହେଲା । ୨୦୨୪ରେ ନିଗମର ୫ କୋଟି ୩୮ ଲକ୍ଷ ୯ ହଜାର ୮୨୧ ଟଙ୍କାର ୨୦ଟି ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା । ଯେଉଁଥିରେ ୱାର୍ଡ଼ ଅଫିସ, ସ୍ମାର୍ଟ ଶ୍ମଶାନ, ଭଲିବଲ୍ କୋର୍ଟ ଆଦି ତାଲିକାଭୁକ୍ତ ଥିଲା । ୨୦୨୫ରେ ସ୍ୱାୟତ୍ତ ଶାସନ ଅଟକଳ ସାମାନ୍ୟ ବଢ଼ିଥିଲା । ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଖର୍ଚ୍ଚ ଥିଲା ୧୫.୩୩ କୋଟି । ୨୦୧୭ରୁ ଏ ପର୍ଯ୍ୟନ୍ତ ପ୍ରକଳ୍ପ ତାଲିକା ଓ ମୂଲ୍ୟ ହ୍ରାସ ଘଟୁଛି । ବ୍ୟୟ ୨୦୦ କୋଟିରୁ ଖସି ଆସି ୧୫ କୋଟିରେ ପହଞ୍ଚିଛି । ଦି ବର୍ଷ ହେବ ପରିସ୍ଥିତି ଆହୁରି ଜଟିଳ ହୋଇଯାଇଛି । ସରକାରଠୁ ପାଣ୍ଠି ଯୋଗାଣ ଯେଭଳି ଢଙ୍ଗରେ ହେଉଛି ତାହା ନିୟମିତ ଖର୍ଚ୍ଚ ପାଇଁ ସମାନ । ଯାହାଫଳରେ ଗିରି ମାର୍କେଟ୍ ପାଇଁ ବିଏମ୍‌ସିକୁ ଋଣ କରିବାକୁ ପଡ଼ିଛି । ପୋଖରୀ ପୁନରୁଦ୍ଧାର ୨ ବର୍ଷ ହେଲା ଅଟକି ପଡ଼ିଛି । ୱାର୍ଡ଼ ଅଫିସ ନିର୍ମାଣ ଅଧାଅଧି ହୋଇଛି । ନୂଆ ଅଫିସ୍ ନିର୍ମାଣ ପ୍ରସ୍ତାବ କାହାର ମନେନାହିଁ। ସହରତଳି ଅଞ୍ଚଳ ମିଶ୍ରଣ ଝୁଲି ରହିଛି । କେବଳ ମର୍ଦ୍ଦରାଜ ମାର୍କେଟ୍ କମ୍ପ୍ଲେକ୍ସ ଏ କର୍ପୋରେସନ୍‌ର ଏକ ମାତ୍ର ଆଖିଦୃଶିଆ ପ୍ରକଳ୍ପ ବୋଲି କୁହାଯାଉଛି । ୨୦୨୫ରେ ଉଦ୍‌ଘାଟନ ହୋଇସାରିଛି । ବର୍ଷକ ଭିତରେ ବିଏମ୍‌ସି ପରିବା ବ୍ୟବସାୟୀଙ୍କୁ କମାପଲ୍ଲୀ ବଜାର ତଳୁ ମାର୍କେଟ୍‌କୁ ସ୍ଥାନାନ୍ତର କରିପାରିନି । ବିଏମ୍‌ସି ହାତରେ ଏବେ ସେଭଳି କୌଣସି ବଡ଼ ପ୍ରକଳ୍ପ ଉଦ୍‌ଘାଟନ ପାଇଁ ନଥିବାରୁ ସ୍ୱାୟତ୍ତ ଶାସନରେ ଲୋକଙ୍କୁ କି ଉପହାର ଦେବେ ଚିନ୍ତା ଘାରିଲାଣି ।

## ଗୁରୁକୁଳ ସ୍କୁଲର ୩ଜଣ ଛାତ୍ର ଆନ୍ଧ୍ରରୁ ଉଦ୍ଧାର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ହରିଦାସପୁର ଠାରେ ଥିବା ଗୁରୁକୁଳ ପବ୍ଲିକ୍ ସ୍କୁଲ୍‌ର ୩ଜଣ ଦଶମ ଶ୍ରେଣୀ ଛାତ୍ରଙ୍କୁ ଆନ୍ଧ୍ରପ୍ରଦେଶର ଏକ ରେଳ ଷ୍ଟେସନ୍‌ରୁ ଜିଆର୍‌ପି ପୋଲିସ ଉଦ୍ଧାର କରିଛି। ପରେ ସେମାନେ ନିଜ ଗ୍ରାମକୁ ଫେରିଛନ୍ତି। ଏହି ୩ ଜଣ ଛାତ୍ର ଚଣ୍ଡୀଖୋଲ ଛକରେ ସ୍କୁଟି ରଖି ପୁରୀ ଯିବାକୁ ବାହାରିଥିଲେ। ସେମାନଙ୍କ ମୋବାଇଲ ବନ୍ଦ ଥିବାବେଳେ ପରିବାରଲୋକେ ଓ ସ୍କୁଲ କର୍ତ୍ତୃପକ୍ଷ କୌଣସି ଖୋଜଖବର ନପାଇ ଥାନାରେ ଅଭିଯୋଗ କରିଥିଲେ। ସେମାନେ ହେଲେ କୂଳହରିପୁର ଗ୍ରାମରେ ପ୍ରିତମ ସାମଲ, ଦର୍ପଣଗଡ଼ କୋଲ୍‌ହା ସାହିର ଆଦିତ୍ୟ ବଳ ଓ ଆୟନ। ସ୍କୁଲ କର୍ତ୍ତୃପକ୍ଷ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଛି ।

## ବିପୁଳ ମଦ ଜବତ:୯ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବ୍ୟବସାୟ କାରବାର ହେଉଥିବାର ଅଭିଯୋଗ ହେବାପରେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢଉ କରି ୯ଜଣ ଚୋରା ମଦ ବ୍ୟବସାୟୀଙ୍କ ନିକଟରୁ ଚୋରା ମଦ ଜବତ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ ତେର ଗାଁର ରାମଚନ୍ଦ୍ର ସେଠୀ, ପ୍ରଭାକରପୁରର ରଜତ ରାଉତ, ରାଜଶ୍ରୀ ରାଉତ, ପାଟଳିପଙ୍କର କୈଳାସ ବେହେରା, ବରେଇର କୈଳାସ ଚନ୍ଦ୍ର ଟୁଡୁ, ଠାକୁରପାଟଣାର ଅମର ସେଠୀ, ବାରୁଅର ବିଭୁତି ସାମଲ, ଜମଧରର ପୂର୍ଣ୍ଣଚନ୍ଦ୍ର ଦାସ ଓ ଅର୍ଜୁନ ଚନ୍ଦ୍ର ବାରିକଙ୍କ ନିକଟରୁ ୧୦୯୬ ଲିଟର ଚୋରା ମଦ, ଦେଶୀ ରନ୍ଧା, ଗୁଡ ପୋଚ ଓ ବିଦେଶୀ ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଉଛି। ଏହି ଚଢଉ ସମୟରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରଞ୍ଜନ କୁମାର ପାତ୍ର, ଦୀପକ କୁମାର ଜେନା ଓ ଅନ୍ୟ କର୍ମଚାରୀମାନେ ସାମିଲ୍ ଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୮।୦୮।୨୦୨୬, ଶ୍ରାବଣ ଦ୨୩ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୪୩ ଚନ୍ଦ୍ରୋଦୟ- ରାଘ ୧।୨୨।୨୮**

ଦଶମୀ ଦିଘ ୧।୫୮ ପର୍ଯ୍ୟନ୍ତ। ରୋହିଣୀ ନକ୍ଷତ୍ର ଦିଘ ୪।୫୩ ପର୍ଯ୍ୟନ୍ତ। ବୃଷ ଚନ୍ଦ୍ର ରାଘ ୩।୫୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। ରାଘ ୩।୫୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର । ରାଘ ୩।୫୦ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୧।୫୮ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୮ ଗତେ ନି ୧।୨ ମଧ୍ୟେ।



**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି। ପରିଶ୍ରମର ପରିମାଣ ଅତିମାତ୍ରାରେ ବଢ଼ିବ। ପାରିବାରିକ ଶାନ୍ତି ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦୂରଯାତ୍ରା କରିପାରନ୍ତି। ମନ ଭଲ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢ଼ିବ। ସହଯୋଗୀମାନଙ୍କ ସହଯୋଗ ମତିଭ୍ରମ କରିବ। ପଥଭ୍ରଷ୍ଟର ସମ୍ଭାବନା। ଆୟର ପରିମାଣ ବଢ଼ିବ। ପରିବାରରେ କଳହ ସୃଷ୍ଟିର ଆଶଙ୍କା। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା।



**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ। ଉତ୍ତମ ଫଳ ଲାଭ ହେବ। ଆୟର ପରିମାଣ କମିଯିବ ପାରିବାରିକ ଆନନ୍ଦ ବଜାୟ ରହିବ। ପରିଶ୍ରମ ଅଧିକ ହେବ। ଶତ୍ରୁନାଶ ହେବାର ସୂଚନା ରହିଛି ।



**କର୍କଟ:** ମନରେ ଆନନ୍ଦ ଆସିବ। କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ। ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ। ଆୟ ବଢ଼ିବ। ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା ମଧ୍ୟ ।



**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଦ୍ୱନ୍ଦ୍ୱର ସୂଚନା। ମନରେ ବିରକ୍ତି ଭାବ ଜାଗ୍ରତ ହେବ। ମହିଳାମାନେ ସୁଖୀ ହେବେ ।



**କନ୍ୟା:** ସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ। ବନ୍ଧୁ ସହଯୋଗ ପ୍ରାପ୍ତି ହେବ। ବିଶ୍ରାମ ନେବାକୁ ପସନ୍ଦ କରିବେ। ଆୟ ମଧ୍ୟମ ଧରଣର ହେବ। ଗୃହେ ଆନନ୍ଦ ରହିବ ।



**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି। କାର୍ଯ୍ୟ କରିବେନାହିଁ। ମନରେ ବାଧା ଆସିବ। ଶାରୀରିକ ଅସୁସ୍ଥତା ଭୋଗିବେ। ବ୍ୟୟର ପରିମାଣ ବଢ଼ିବ। ଆୟ ସ୍ଥିର ରହିବ। କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି ।



**ବିଛା:** ଆଜି ଦିନଟି ସେତେ ଭଲରେ ଯିବନାହିଁ। ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। କର୍ମହାନୀ ଅଯଥା ବାଦବିବାଦର ସମ୍ମୁଖୀନ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପରିବାରରେ ଜଞ୍ଜାଳ ଦେଖାଦେବ ।



**ଧନୁ:** ମନରେ ଅହଂକାର ଆସିବ। ସହଯୋଗୀ ବା କୁଟୁମ୍ବଙ୍କ କ୍ରୋଧ ସୃଷ୍ଟି ହେବ। ଆଶାନତି ବଢ଼ିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ। ମହିଳାମାନେ ଗର୍ବୀ ହେବେ ।



**ମକର:** ନୀତି ବହିର୍ଭୂତ କାର୍ଯ୍ୟ କରିବେ। କୂଟ ନୀତିରେ ସଫଳତା ପ୍ରାପ୍ତ ହେବ। ଦୂର ସ୍ଥାନକୁ ଯାତ୍ରା କରିବେ। ଲାଭବାନ୍ ହେବେ। ରୋଜଗାର ଭଲ ହେବ। ପରିବାରରେ ଶାନ୍ତି ପାଇବେ। ଦେହ ଓ ମନ ଭଲ ରହିବ ।



**କୁମ୍ଭ:** ଦିନଟି ସେତେ ଭଲ ନୁହେଁ। ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବନାହିଁ। ଦୂରଯାତ୍ରା କିନ୍ତୁ କାର୍ଯ୍ୟ ହାନୀ। ଆୟରେ ଅଗ୍ରଗତି ହେବ। ପରିବାର ମଧ୍ୟରେ ଜଞ୍ଜାଳ ରହିବନାହିଁ। ମହିଳାମାନେ ସୁଖୀ ହେବେ ।



**ମୀନ:** ହସ ଖୁସିରେ ଦିନ କାଟିବେ। କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ। ଦୂରଯାତ୍ରା କରି ଆୟରେ ପ୍ରଗତି ଘଟାଇବେ। ଲୋକପ୍ରିୟତା ବୃଦ୍ଧି ପାଇବ। ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା। ମନ ଅସ୍ଥିର ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୦୮।୨୦୨୬, ଶ୍ରାବଣ ଦ୨୪ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୨୬।୦୩ ଚନ୍ଦ୍ରୋଦୟ- ରାଘ ୨।୨୯।୩୮**

ଏକାଦଶୀ ଦିଘ ୧୧।୧୭ ପର୍ଯ୍ୟନ୍ତ। ମୃଗଶିରା ନକ୍ଷତ୍ର ଦିଘ ୨।୪୫ ପର୍ଯ୍ୟନ୍ତ। ମିଥୁନ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ଦିଘ ୧୧।୦୭ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଦିଘ ୯।୪୫ ମଧ୍ୟେ ଦିଘ ୧।୨୯ ଗତେ ଦିଘ ୧।୫୮ ମଧ୍ୟେ । **ପର୍ବୋତ୍ସବ-** ସର୍ବସମ୍ମତ କାମଦା ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଚକ୍ରବୁଲା ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟରେ ଭାରତ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ର ଆକଳନ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୮–୨୯ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ସୀମା ଅତିକ୍ରମ କରିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟ ସଭାରେ ଦେଇଥିବା ସୂଚନା ଅନୁସାରେ, ଏହି ସମୟ ମଧ୍ୟରେ ଭାରତୀୟ ଅର୍ଥନୀତିର ଆକାର ବର୍ତ୍ତମାନର ମୂଲ୍ୟରେ ୫.୧ ଟ୍ରିଲିୟନ ଡଲାର ହେବ ବୋଲି ଆଶା କରାଯାଉଛି। ଏହି ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ହାସଲ କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି । ସରକାର ନିମ୍ନଲିଖିତ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। କୃଷି ଉତ୍ପାଦନରେ ବୃଦ୍ଧି ଏବଂ ବିନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ। କ୍ଷୁଦ୍ର, ମଧ୍ୟମ ଓ କୁଟୀର ଶିଳ୍ପଗୁଡ଼ିକୁ ସହାୟତା ଏବଂ ଦେଶବ୍ୟାପୀ ଭିତ୍ତିଭୂମିର ସମ୍ପ୍ରସାରଣ । ଇଜ୍ ଅଫ୍ ଡୁଇଂ ବିଜ୍‌ନେସ, ଲଜିଷ୍ଟିକ୍ସର ଉନ୍ନତି ଏବଂ ଜିଏସ୍‌ଟି ତଥା ଆୟକର ବ୍ୟବସ୍ଥାରେ ସଂସ୍କାର । ଡିଜିଟାଲିକରଣ, ମାନବ ପୁଞ୍ଜିର ବିକାଶ ଏବଂ ଶକ୍ତି ସୁରକ୍ଷା। ପୁଞ୍ଜି ବ୍ୟୟରେ ଉନ୍ନତି, ଏଫ୍‌ଡିଆଇ (FDI) ନିୟମ କୋହଳ, ରପ୍ତାନି ବୃଦ୍ଧି, ବିତ୍ତୀୟ ଶୃଙ୍ଖଳା ଏବଂ ବିଭିନ୍ନ ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର । ଶିଳ୍ପ ଓ ଉତ୍ପାଦନ ବୃଦ୍ଧି ପାଇଁ ପ୍ରମୁଖ ଯୋଜନା ଘରୋଇ ବଜାରରେ ଉତ୍ପାଦନ ବୃଦ୍ଧି, ନିବେଶ ଆକର୍ଷଣ, ନିଯୁକ୍ତି ସୃଷ୍ଟି ଏବଂ ବଜାର ପ୍ରତିସ୍ପର୍ଦ୍ଧା ବଢ଼ାଇବା ଲାଗି କେନ୍ଦ୍ର ସରକାର କେତେକ ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଗୁଡିକ ହେଲା ପିଏଲ୍‌ଆଇ ସ୍କିମ୍, ମେକ୍ ଇନ୍ ଇଣ୍ଡିଆ, ନ୍ୟାସନାଲ ଲଜିଷ୍ଟିକ୍ସ ପଲିସି, ନ୍ୟାସନାଲ ସିଙ୍ଗଲ ୱିଣ୍ଡୋ ସିଷ୍ଟମ, ପିଏମ୍ ଗତି ଶକ୍ତି ଯୋଜନା । ଏମ୍‌ଏସ୍‌ଏମ୍‌ଇ (MSME) କ୍ଷେତ୍ର ପାଇଁ ସୁବିଧା ଓ ଦେଶର ଅର୍ଥନୀତିରେ ମେରୁଦଣ୍ଡ ଭାବେ ପରିଚିତ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ଯେମିତି ଏମର୍ଜେନ୍ସି କ୍ରେଡିଟ ଗ୍ୟାରେଣ୍ଟି ସୁବିଧା, ବର୍ଗୀକରଣ ନିୟମରେ ପରିବର୍ତ୍ତନ ଏବଂ ସରଳ ଉଦ୍ୟମ ପଞ୍ଜୀକରଣ । ଟ୍ରେଡସ ଇକୋସିଷ୍ଟମ ଏବଂ ଜିଇଏମ୍ ପୋର୍ଟାଲ ଜରିଆରେ ମଧ୍ୟ ସୁବିଧା ଉପଲବ୍ଧ ହେବ। ସେବା କ୍ଷେତ୍ର ଏବଂ ଆର୍ଥିକ ସଂସ୍କାର ଡିଜିଟାଲ ପବ୍ଲିକ ଭିତ୍ତିଭୂମି, ଜିସିସି, ମେଡିକାଲ ଭାଲ୍ୟୁ ଟ୍ରାଭେଲ ଏବଂ ଅରେଞ୍ଜ ଇକୋନୋମୀ ଭଳି କ୍ଷେତ୍ରକୁ ଆଗକୁ ବଢ଼ାଇବା ପାଇଁ ବଜେଟରେ ନୂତନ ଘୋଷଣା କରାଯାଇଛି। ସରଫାଏସି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ବ୍ୟାଙ୍କଗୁଡ଼ିକ ୩୨,୪୬୬ କୋଟି ଟଙ୍କା ଅସୁଲ କରିବାରେ ସଫଳ ହୋଇଛନ୍ତି, ଯାହା ବ୍ୟାଙ୍କିଂ ବ୍ୟବସ୍ଥାକୁ ଅଧିକ ଦୃଢ଼ କରିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## କାଳନେମି

### ଆତ୍ମାର ବାଣୀ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଜୀବ ହିଁ ଶିବ । ପ୍ରତ୍ୟେକ ଜୀବ ଭିତରେ ଆତ୍ମା ଅଛି । ସେହି ଆତ୍ମାର ବାଣୀକୁ ଯେଉଁ ଜିବ ଶୁଣେ,ଏବଂ ସେଇ ଆତ୍ମାର ବାଣୀ ଦ୍ୱାରା ପରିଚାଳିତା ହୁଏ ସେହି ସାଧୁ,ଅନ୍ୟଥା ବୃଥା । ଏହାହିଁ ସରଳ ମାର୍ଗର ପଥ । ଏହାହିଁ ଅନ୍ତରନିର୍ହିତ ବାଣୀ ସ୍ୱୟଂ ଈଶ୍ୱରଙ୍କର ତଥା,କସ୍ତୁରୀ ମୃଗ ଯେପରି ନିଜ କସ୍ତୁରୀ ବାସନାକୁ ଜାଣି ନପାରି ଏଣେ ତେଣେ ଦୌଡେ କେଉଁଠି ସେ ବାସନା ହେଉଛି ବୋଲି ସେହିପରି ଏ ବଦ୍ଧ ଜୀବ ଈଶ୍ୱର ଈଶ୍ୱର ହୋଇ ଏ ମନ୍ଦିର ସେ ମନ୍ଦିର ଘୁରି ବୁଲନ୍ତି । କିନ୍ତୁ ସେ କେଉଁଠାରୁ କିଛି ନପାଇ ପରିଶେଷରେ ପ୍ରାଣତ୍ୟାଗ କରିଥାଏ। ତେଣୁ ହେ ଭକ୍ତ ହେ ଶିଷ୍ୟ ତୁମକୁ ବାରମ୍ବାର କହୁଛି ଗୁରୁ ହିଁ ସକଳ ଦେବତା । ସେହିଁ ତୁମରି ଭିତରେ ଅଛନ୍ତି । ତେଣୁ ଅନ୍ତର ଆତ୍ମାର ବାଣୀକୁ ଜୀବ ଶୁଣି କର୍ମ କରି ଚାଲିଲେ ସେ ତାର ଗନ୍ତବ୍ୟ ପଥରେ ନିଶ୍ଚୟ ପହଞ୍ଚିପାରିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

# ଇଥାନଲ୍ ଇନ୍ଧନ ବିବାଦ

ବରୁଣ କୁମାର ମହାପାତ୍ର
ବ୍ରହ୍ମପୁର
ମୋ-୭୦୦୮୦୭୮୩୯୬

ଭାରତରେ ''ଇ୨୦'' ଇନ୍ଧନର ପ୍ରଚଳନ ସମ୍ପ୍ରତି ଏକ ଜାତୀୟ ବିତର୍କ ପାଲଟିଛି। ସରକାର ଏହାକୁ ଦେଶର ଶକ୍ତି ସୁରକ୍ଷା ଓ ସ୍ୱଚ୍ଛ ପରିବେଶ ପାଇଁ ଏକ ବୈପ୍ଲବିକ ପଦକ୍ଷେପ ବୋଲି କହୁଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଦେଶବ୍ୟାପୀ ଏହାର ବ୍ୟବହାର ବାଧ୍ୟତାମୂଳକ କରାଯାଇଥିବା ବେଳେ ସାଧାରଣ ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମନରେ କିନ୍ତୁ ଏହି ମିଶ୍ର ଇନ୍ଧନକୁ ନେଇ ଅନେକ ପ୍ରଶ୍ନ ଏବଂ ଆଶଙ୍କା ସୃଷ୍ଟି ହୋଇଛି। 'ଇ୨୦' ହେଉଛି ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ। ଇଥାନଲ ଏକ ପ୍ରକାର ଜୈବ ଇନ୍ଧନ ଯାହା ମୁଖ୍ୟତଃ ଆଖୁ, ମକା, ବାର୍ଲି, ଚାଉଳ ଆଦି କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ କରାଯାଏ। 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମ ଅଧୀନରେ ସରକାର ଏହି ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି।

୨୦୧୩-୧୪ରେ ଇଥାନଲ ମିଶ୍ରଣ ହାର ୧.୫ ପ୍ରତିଶତରୁ କମ୍ ଥିଲାବେଳେ ସମ୍ପ୍ରତି ସରକାର ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। "ଇ୨୦" ଲକ୍ଷ୍ୟ ହାସଲ ପାଇଁ ୨୦୩୦ ଥିଲା ସମୟସୀମା । ଭାରତ କିନ୍ତୁ ଧାର୍ଯ୍ୟ ସମୟସୀମାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିପାରିଛି । ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରିଥାଏ। ଏଥିପାଇଁ ଭାରତ ପ୍ରତିବର୍ଷ ପାଖାପାଖି ୧୫୦ ବିଲିଅନ ଡଲାର ଖର୍ଚ୍ଚ କରିଥାଏ। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବଢ଼ିଲେ ଦେଶର ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼େ। ଯାହା ସମ୍ପ୍ରତି ମଧ୍ୟପ୍ରାଚ୍ୟ ସଂକଟରୁ ଅନୁମେୟ । ତେଣୁ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସବୁଜଗୃହ ବାଷ୍ପ ନିର୍ଗମନ କମାଇବା ଉଦ୍ଦେଶ୍ୟରେ ଭାରତ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦିଗରେ ପଦକ୍ଷେପ ନେଇଛି। ଏହାଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ଚାପ କମିବ ଏବଂ କୃଷିଭିତ୍ତିକ ଶିଳ୍ପକୁ ବି ବଜାର ମିଳିବ ବୋଲି ଭାରତ ସରକାର ଯୁକ୍ତି ବାଢ଼ିଛନ୍ତି । ଇଥାନଲ ଏକ ନବୀକରଣଯୋଗ୍ୟ ଜୈବ ଇନ୍ଧନ ହୋଇଥିବାରୁ ଏହାର ବ୍ୟବହାର ପେଟ୍ରୋଲ, ଡିଜେଲ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଏହାଛଡ଼ା 'ଇ୨୦' ଦ୍ୱାରା ବାୟୁମଣ୍ଡଳକୁ କ୍ଷତିକାରକ ଗ୍ୟାସର ନିର୍ଗମନ କମିବ। ଯାହା ବାୟୁ ପ୍ରଦୂଷଣ ହ୍ରାସ କରିବାରେ ସହାୟକ ହେବ । ଇଥାନଲ ମିଶ୍ରିତ ଇନ୍ଧନ ଆଧୁନିକ ଯାନବାହନ ପାଇଁ ଅନୁକୂଳ ବୋଲି ସରକାର ଦାବି କରୁଛନ୍ତି।

କିନ୍ତୁ 'ଇ୨୦'କୁ ନେଇ ଗାଡ଼ି ଚାଳକ ବିଶେଷକରି ୨୦୨୩ ପୂର୍ବରୁ ନିର୍ମିତ ଗାଡ଼ି ମାଲିକମାନଙ୍କ ସନ୍ଦେହ ଦୂରୀଭୂତ ହେଉନାହିଁ। ସେମାନଙ୍କ ଅଭିଯୋଗ ଯେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଯୋଗୁଁ ସେମାନଙ୍କ ଗାଡ଼ିର ମାଇଲେଜ୍ କମି ଯାଉଛି। ଇଞ୍ଜିନ ଖରାପ ହେଉଛି । ଏହି ଇନ୍ଧନର ବ୍ୟବହାର ଯୋଗୁଁ ଦୀର୍ଘକାଳୀନ ପ୍ରତିକୂଳ ପ୍ରଭାବ ନେଇ ଗାଡ଼ି ମାଲିକଙ୍କ ଆଶଙ୍କା ଅମୂଳକ ନୁହେଁ ବୋଲି ମଧ୍ୟ ବିଶେଷଜ୍ଞମାନେ କହିଛନ୍ତି। ସେମାନଙ୍କ ମତରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପୁରୁଣା ଗାଡ଼ି ଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଢ଼ିପାରେ। ୨୦୨୩ ପରେ ନିର୍ମିତ କିଛି ଇଥାନଲ ଅନୁକୂଳ ଯାନ ମଧ୍ୟ ଏହି ମିଶ୍ର ପେଟ୍ରୋଲ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଏ ବାବଦରେ ସ୍ପଷ୍ଟ ମାର୍ଗଦର୍ଶିକାର ଅଭାବ ସହ ୱାରେଣ୍ଟି ସମ୍ବନ୍ଧୀୟ ପ୍ରଶ୍ନ ମଧ୍ୟ ଉଠିଛି। ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ କୌଣସି ସମସ୍ୟା ଉପୁଜିଲେ ତାହାକୁ ଗାଡ଼ି ନିର୍ମାତାମାନେ ୱାରେଣ୍ଟି ଅନ୍ତର୍ଭୁକ୍ତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି । ତେବେ କେନ୍ଦ୍ର ସରକାର ଉପରୋକ୍ତ ଅଭିଯୋଗ ଗୁଡ଼ିକୁ ଖଣ୍ଡନ କରିଥିଲେ ମଧ୍ୟ ଗ୍ରାହକଙ୍କ ସନ୍ଦେହ ଓ ଦ୍ୱନ୍ଦ୍ୱ ଦୂର କରିବା ପାଇଁ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି । ଅବଶ୍ୟ କିଛି ପୁରୁଣା ଯାନ ଗୁଡ଼ିକରେ ସମସ୍ୟା କଥାକୁ କିଛି ଗାଡ଼ି ନିର୍ମାତା ମାନିଛନ୍ତି ?। "ଇ୨୦" ବ୍ୟବହାର ଦ୍ୱାରା କେତେକ ଗାଡ଼ିରେ ୩ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ମାଇଲେଜ୍ କମିପାରେ ବୋଲି ତୈଳ ମନ୍ତ୍ରାଳୟ ମଧ୍ୟ ସ୍ୱୀକାର କରିଛି। ପୁଣି ଅଭିଯୋଗ ହେଉଛି ଯେ ଇଥାନଲ ଉତ୍ପାଦନରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପରିବାରର ବ୍ୟବସାୟିକ ସ୍ୱାର୍ଥ ଜଡ଼ିତ ଥିବାରୁ ଏହି ମିଶ୍ର ଇନ୍ଧନ ନୀତିକୁ କାର୍ଯ୍ୟକାରୀ କରାଯାଉଛି। ଏ ସବୁ ଆପତ୍ତି ଓ ଅଭିଯୋଗ ସତ୍ତ୍ୱେ 'ଇଥାନଲ ବ୍ଲେଣ୍ଡେଡ୍ ପେଟ୍ରୋଲ' (ଇବିପି) କାର୍ଯ୍ୟକ୍ରମକୁ ବନ୍ଦ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରିସାରିଛନ୍ତି ସରକାର।

ଗାଡ଼ି ଗ୍ରାହକଙ୍କ ବ୍ୟତୀତ "ଇ୨୦" ନେଇ ପରିବେଶବିତ୍ ମାନଙ୍କର ମଧ୍ୟ କିଛି ଆପତ୍ତି ରହିଛି। ଇଥାନଲଯୁକ୍ତ ଇନ୍ଧନ ଯୋଗୁଁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଆଖୁ ଭଳି ଫସଲ ପାଇଁ ପ୍ରଚୁର ପରିମାଣରେ ଜଳ ଆବଶ୍ୟକ। ଯଦି ଇଥାନଲ ଉତ୍ପାଦନ ପାଇଁ ଆଖୁ ଭଳି ଶସ୍ୟ ଅଧିକ ମାତ୍ରାରେ ବ୍ୟବହୃତ ହୁଏ, ତେବେ ଜଳ ସଙ୍କଟ ଆହୁରି ଉତ୍କଟ ହୋଇପାରେ। ଏହାଛଡ଼ା ଜମି କିସମର ପରିବର୍ତ୍ତନ ସହ ଖାଦ୍ୟ ସୁରକ୍ଷା ଉପରେ ଚାପ ବଢ଼ିବା ଆଶଙ୍କା ରହିଛି । ଖାଦ୍ୟଚକ୍ର ଆଧାରିତ ଅଙ୍ଗାରକ ନିର୍ଗମନ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପରିବେଶବିତ୍ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଭାରତ ଇଥାନଲ ପ୍ରସଙ୍ଗରେ ବ୍ରାଜିଲ ମଡେଲକୁ ଅନୁସରଣ କରୁଛି । ଇଥାନଲ ମିଶ୍ରଣ କ୍ଷେତ୍ରରେ ବ୍ରାଜିଲ ହେଉଛି ବିଶ୍ୱର ଅଗ୍ରଣୀ ଦେଶ। ୧୯୭୦ ଦଶକର ତୈଳ ସଙ୍କଟ ପରଠୁ ଏହି ଦକ୍ଷିଣ ଆମେରିକୀୟ ଦେଶରେ ୨୦ରୁ ୮୫ ପ୍ରତିଶତ ଯାଏଁ ଇଥାନଲ ମିଶ୍ର ଇନ୍ଧନ ବ୍ୟବହାର ହେଉଛି। ଏଥିପାଇଁ ସେଠାରେ ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ରହିଛି ଯାହା ଶତ ପ୍ରତିଶତ ଇଥାନଲରେ ଚାଲେ । ଭାରତ ପାଇଁ ଚ୍ୟାଲେଞ୍ଜ ହେଉଛି ବ୍ରାଜିଲ ଭଳି ପର୍ଯ୍ୟାୟକ୍ରମେ ବିକଶିତ ହୋଇଥିବା ଫ୍ଲେକ୍ସ-ଫ୍ୟୁଏଲ ଯାନ ବ୍ୟବସ୍ଥା ଏଠାରେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ପାରିନାହିଁ। ଭବିଷ୍ୟତରେ ୮୫ ପ୍ରତିଶତ ଇଥାନଲ ମିଶ୍ରିତ (ଇ୮୫) ଇନ୍ଧନର ବ୍ୟବହାର ନେଇ ସରକାର ସଙ୍କେତ ଦେଇଥିବାବେଳେ ଫ୍ଲେକ୍ସ-ଫ୍ୟୁଏଲ ଯାନର ଆବଶ୍ୟକତା ରହିଛି। ସରକାର ଏ ଦିଗ ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ।

"ଇ୨୦" ନେଇ ବିବାଦର ମୂଳ କାରଣ ବିଶ୍ୱାସ ଓ ସ୍ପଷ୍ଟ ସୂଚନାର ଅଭାବ। ଶକ୍ତି ସୁରକ୍ଷା, କୃଷକଙ୍କ ଆୟ ବୃଦ୍ଧି ଓ ଅଙ୍ଗାରକ ନିର୍ଗମନ ହ୍ରାସ ପାଇଁ ଇଥାନଲ ମିଶ୍ରିତ ଇନ୍ଧନ ଏକ ଦୂରଦର୍ଶୀ ପଦକ୍ଷେପ ହୋଇପାରେ। କିନ୍ତୁ ଏହାକୁ ସଫଳ କରିବା ଲାଗି କେବଳ ନୀତି ଘୋଷଣା କରିଦେଲେ ହେବ ନାହିଁ। ସରକାରଙ୍କୁ ଉଭୟ ପୁରୁଣା ଓ ନୂଆ ଯାନବାହନ ପାଇଁ ସ୍ପଷ୍ଟ ପ୍ରାୟୋଗିକ ମାର୍ଗଦର୍ଶିକା ଜାରି କରିବାକୁ ହେବ। ଏଥିସହ ସ୍ୱାଧୀନ ତଥା ନିରପେକ୍ଷ ବୈଜ୍ଞାନିକ ଅଧ୍ୟୟନର ଫଳାଫଳ ସାର୍ବଜନୀନ କରି ଗ୍ରାହକଙ୍କ ସନ୍ଦେହ ଦୂର କରିବାକୁ ପଡ଼ିବ । ଫ୍ଲେକ୍ସ-ଫ୍ୟୁଏଲ ଯାନକୁ ପ୍ରୋତ୍ସାହନ ଏବଂ ଇଥାନଲ ଉତ୍ପାଦନରେ ଜଳ ଓ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ବି ଜରୁରୀ । ଅନୁରୂପ ଭାବେ ଗାଡ଼ି କମ୍ପାନିମାନଙ୍କୁ ମଧ୍ୟ ପୁରୁଣା ଓ ନୂଆ ଯାନ ମାଲିକଙ୍କ ପାଇଁ ସ୍ପଷ୍ଟ ସୂଚନା ଦେବା ଉଚିତ । ସବୁଜ ତଥା ସ୍ୱଚ୍ଛ ଇନ୍ଧନ ଆଡ଼କୁ ଭାରତର ଯାତ୍ରା ଅପରିହାର୍ଯ୍ୟ। ତେବେ ବିଜ୍ଞାନ ଏବଂ ପାରଦର୍ଶିତା, ଗ୍ରାହକଙ୍କ ସ୍ୱାର୍ଥ ଓ ପରିବେଶ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା ହୋଇପାରିଲେ ହିଁ ଏହି ଯାତ୍ରା ସଫଳ ହୋଇପାରିବ।

# ଇତିହାସର ଆଇନାରେ ଅନଶନ



ବିଜନ କୁମାର ମହାପାତ୍ର
ଉମା ନଗର, ଚତୁର୍ଥ ଲେନ୍
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮
ମୋ-୮୮୪୭୮୪୨୪୨୪

ଦିଲ୍ଲୀରେ ଶିକ୍ଷାବିତ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ଅନଶନ ବିଶ୍ୱର ଏକ ପ୍ରଭାବଶାଳୀ ଅହିଂସାତ୍ମକ ପ୍ରତିବାଦ ପନ୍ଥାକୁ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆଣିଛି । ନ୍ୟାୟର ଲଢେଇ ଓ ଦାବି ପୂରଣ ପାଇଁ ସରକାର ଓ ପ୍ରଶାସନ ଉପରେ ଚାପ ପ୍ରୟୋଗ ସକାଶେ 'ହଙ୍ଗର ଷ୍ଟ୍ରାଇକ୍' ବା 'ଅନଶନ' କରାଯାଏ । ଅନଶନ କରୁଥିବା ବ୍ୟକ୍ତି କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ବ୍ୟକ୍ତିଗତ ଓ ସାମୂହିକ ଭାବେ ଅନଶନ କରାଯାଏ। ଋଷୀୟ ଶବ୍ଦ 'ଗୋଲୋଡୋଫ୍‌କା'ର ଆକ୍ଷରିକ ଇଂରାଜୀ ହେଉଛି 'ଫେମିନ୍ ଫାଷ୍ଟ' । ପରେ ଇଂରାଜୀ ଶବ୍ଦ 'ହଙ୍ଗର ଷ୍ଟ୍ରାଇକ'ର ପ୍ରଚଳନ ହୋଇଥିଲା ।

ବିଶ୍ୱରେ ପ୍ରଥମ ବଡ ଧରଣର ଅନଶନ ଊନବିଂଶ ଶତାବ୍ଦୀରେ ଋଷିଆରେ ହୋଇଥିବା ବିଶ୍ୱାସ ରହିଛି। ୧୮୭୮ ମସିହାରେ ଜାର୍ ଶାସନାଧିନ ଋଷିଆର ସେଣ୍ଟ ପିଟର୍ସବର୍ଗ ସହରରେ ଥିବା କାରାଗାରର କଏଦୀମାନେ ଅନଶନ କରିଥିଲେ । କାରାଗାରରେ ଅତି ଦୟନୀୟ ସ୍ଥିତିର ପ୍ରତିବାଦ କରି ପୁରୁଷ କଏଦୀମାନେ ଖାଦ୍ୟ ଖାଇବାକୁ ମନା କରିଦେଇଥିଲେ ।

ବିଂଶ ଶତାବ୍ଦୀ ଆରମ୍ଭରେ ବ୍ରିଟେନ ଓ ଆମେରିକାରେ ମହିଳାଙ୍କୁ ମତଦାନ ଓ ଅନ୍ୟ ଅଧିକାର ପ୍ରଦାନ ସପକ୍ଷରେ ଅଭିଯାନ ଆରମ୍ଭ ହୋଇଥିଲା। ବ୍ରିଟେନରେ ସାମାଜିକ କର୍ମୀ ମାରିଅନ ୱାଲ୍‌ସ ଡନଲପ୍ ଓ ଆମେରିକାରେ ଆଲିସ୍ ପଲ୍ ମହିଳାଙ୍କୁ ପୁରୁଷଙ୍କ ଭଳି ସମାନ ଅଧିକାର ପ୍ରଦାନ ଦାବିରେ ଜେଲରେ ଅନଶନ କରିଥିଲେ । ଆୟାର୍ଲାଣ୍ଡର ଜାତୀୟତାବାଦୀ ଆନ୍ଦୋଳନକାରୀମାନେ ମଧ୍ୟ ରାଜନୈତିକ ଦାବି ପୂରଣ ପାଇଁ ଅନଶନର ସାହାରା ନେଇଥିବା ଇତିହାସ କହେ। ବିଭିନ୍ନ ସମୟରେ ରାଜନେତା, ସାମାଜିକ କର୍ମୀ, ମାନବାଧିକାର କର୍ମୀ ଓ ପରିବେଶବିତମାନେ ଅନଶନ କରିଛନ୍ତି । ତେବେ, ଅନଶନ ଭଳି ଶାନ୍ତିପୂର୍ଣ୍ଣ ପ୍ରତିବାଦର ବହୁଳ ପ୍ରୟୋଗ ଭାରତରେ ହିଁ ହୋଇଛି । ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧି ଅହିଂସା ଓ ସତ୍ୟାଗ୍ରହର ଏକ ପ୍ରମୁଖ ଅସ୍ତ୍ର ଭାବେ ଅନଶନ ପନ୍ଥା ଆପଣାଇଥିଲେ। ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ମଧ୍ୟ ବର୍ଣ୍ଣବୈଷମ୍ୟବାଦୀ ସରକାର ବିରୋଧରେ ଏକାଧିକ ଅନଶନ କରି ଚର୍ଚ୍ଚିତ ହୋଇଥିଲେ ମହାତ୍ମା ଗାନ୍ଧି । ଭାରତ ପ୍ରତ୍ୟାବର୍ତ୍ତନ ପରେ ୧୯୧୮ରୁ ୧୯୪୮ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗା, ଭେଦଭାବପୂର୍ଣ୍ଣ ରାଜନୀତି, ଅସ୍ପୃଶ୍ୟତା ଏବଂ ଅତ୍ୟଧିକ ଟିକସ ବ୍ୟବସ୍ଥା ବିରୋଧରେ ଅନେକ ଥର ଅନଶନ କରିଥିଲେ ଗାନ୍ଧିଜୀ । ଗାନ୍ଧିଜୀଙ୍କ ଯୋଗୁଁ ଅନଶନ ଭାରତରେ ଏକ ଗଣ ରାଜନୈତିକ ଅସ୍ତ୍ରରେ ପରିଣତ ହୋଇଥିଲା । ୧୯୧୮ ମସିହାରେ ଅହମ୍ମଦାବାଦ ଲୁଗାକଳ ଶ୍ରମିକଙ୍କ ଆନ୍ଦୋଳନ ବେଳେ ପ୍ରଥମ ଥର ପାଇଁ ଅନଶନ କରିଥିଲେ ମହାତ୍ମା ଗାନ୍ଧି ।

ହିନ୍ଦୁ -ମୁସଲିମ ଦଙ୍ଗା ରୋକିବା ସହ ସାଂପ୍ରଦାୟିକ ସଦ୍ଭାବ ପାଇଁ ୧୯୪୨ ମସିହାରେ ଗାନ୍ଧିଜୀଙ୍କ ଅନଶନ ୨୧ ଦିନ ଧରି ଚାଲିଥିଲା । ଅନଶନର ପଞ୍ଚମ ଦିନରେ ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ ବିଗିଡିଯାଇଥିଲା। ସେ ଆଉ ବଞ୍ଚିବେ ନାହିଁ ବୋଲି ଧରିନେଇଥିଲେ ବ୍ରିଟିଶ ସରକାର। ତେଣୁ ତାଙ୍କର ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ଗୋରା ସରକାର । ଚନ୍ଦନ କାଠର ବ୍ୟବସ୍ଥା କରାଯିବା ସହ ସମ୍ଭାବ୍ୟ ଜନ ଆକ୍ରୋଶକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ ବ୍ରିଟିଶ ସରକାର । କେବଳ ଗାନ୍ଧିଜୀ ନୁହଁନ୍ତି, ମହାନ କ୍ରାନ୍ତିକାରୀ ଭଗତ ସିଂହ ମଧ୍ୟ ଦାବି ପୂରଣ ପାଇଁ ଅନଶନ କରିଥିଲେ। ଭାରତୀୟ ରାଜନୈତିକ କଏଦୀଙ୍କୁ ସମାନ ବ୍ୟବହାର ଦାବିରେ ୧୯୨୯ରେ ଅନଶନ କରିଥିଲେ ଭଗତ ସିଂହ। ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ର ନାଥ ୬୩ ଦିନ ଧରି ଅନଶନ କରିଥିଲେ। ମାତ୍ର ୨୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

ସ୍ୱାଧୀନ ଭାରତରେ ତେଲେଗୁ ସାମାଜିକ କର୍ମୀ ପୋଟ୍ଟି ଶ୍ରୀରାମୁଲୁଙ୍କ ଅନଶନ ଥିଲା ଏକ ପ୍ରଭାବଶାଳୀ ଅନଶନ । ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍‌ସୀରେ ତେଲେଗୁ ଭାଷାଭାଷୀ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବିରେ ୧୯୫୨ ମସିହାରେ ଅନଶନ ଆରମ୍ଭ କରିଥିଲେ ଶ୍ରୀରାମୁଲୁ । ୫୮ ଦିନର ଅନଶନ ପରେ ୧୯୫୨ ମସିହା ଡିସେମ୍ବର ୧୫ ତାରିଖରେ ଶ୍ରୀରାମୁଲୁଙ୍କ ମୃତ୍ୟୁ ହୋଇଯାଇଥିଲା । ଅନଶନ ଅବସ୍ଥାରେ ଶ୍ରୀରାମୁଲୁଙ୍କ ମୃତ୍ୟୁ ପରେ ସୃଷ୍ଟି ହୋଇଥିଲା ଜନ ଆକ୍ରୋଶ। ବ୍ୟାପକ ହିଂସାକାଣ୍ଡ ଓ ଭଙ୍ଗାରୁଜାରେ ଅଶାନ୍ତ ହୋଇଥିଲା ମାଡ୍ରାସ ପ୍ରେସିଡେନ୍‌ସୀ । ସ୍ଥିତିର ଗମ୍ଭୀରତାକୁ ଦେଖି କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁ ତେଲେଗୁ ଲୋକଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ଗ୍ରହଣ କରିଥିଲେ। ଜନ୍ମ ନେଇଥିଲା ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ। ସାର୍ଥକ ହୋଇଥିଲା ପୋଟ୍ଟି ଶ୍ରୀରାମୁଲୁଙ୍କ ଆତ୍ମତ୍ୟାଗ ।

ବିଶ୍ୱର ସୁଦୀର୍ଘ ଅନଶନ ହେଉଛି 'ମଣିପୁରର ଲୌହ ମାନବୀ' ଭାବେ ପରିଚିତ ମାନବାଧିକାରୀ କର୍ମୀ ଇରମ ଶର୍ମିଳାଙ୍କ ଅନଶନ। ମାଲୋମରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୦ ନାଗରିକଙ୍କ ମୃତ୍ୟୁ ପ୍ରତିବାଦରେ ୨୦୦୦ ମସିହା ନଭେମ୍ବରରେ ଶର୍ମିଳା ଆରମ୍ଭ କରିଥିଲେ ଆମରଣ ଅନଶନ । ବିଚ୍ଛିନ୍ନତାବାଦ ପ୍ରଭାବିତ ମଣିପୁରରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆଣି ବିବାଦୀୟ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଅଧିନିୟମ ବା ଏଏଫଏସପିଏ ଉଚ୍ଛେଦ ଦାବି କରିଥିଲେ ଇରମ। ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୧୬ ବର୍ଷ ଧରି ଅନଶନ କରିଥିଲେ ଇରମ। ତାଙ୍କୁ ନାଜାଲ ଟ୍ୟୁବ ସହାୟତାରେ ବଳପୂର୍ବକ ଖାଦ୍ୟ ଦିଆଯାଇ ବଂଚାଇ ରଖାଯାଇଥିଲା । ଆତ୍ମହତ୍ୟା ଉଦ୍ୟମ ଅଭିଯୋଗରେ ଇରମ ଶର୍ମିଳାଙ୍କୁ ବାରମ୍ବାର ଗିରଫ କରିଥିଲା ପୋଲିସ । ଇରମ ୧୬ ବର୍ଷ ଅନଶନ କରିବା ପରେ ମଧ୍ୟ ମଣିପୁରରୁ ଆଫ୍ସା ପ୍ରତ୍ୟାହାର କରିନଥିଲେ କେନ୍ଦ୍ର ସରକାର, ଯାହା କି ତାଙ୍କର ମୁଖ୍ୟ ଦାବି ଥିଲା ।

ଏକବିଂଶ ଶତାବ୍ଦୀର ପ୍ରମୁଖ ଅନଶନ ମଧ୍ୟରେ ଗାନ୍ଧିବାଦୀ ବର୍ଷିଆନ ନେତା ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଅନ୍ୟତମ। ଦୁର୍ନୀତି ବିରୋଧୀ ଜନ ଲୋକପାଳ ଆଇନ ପ୍ରଣୟନ ଦାବି କରି ଜନ୍ତର ମନ୍ତରରେ ୨୦୧୧ ମସିହାରେ ଅନଶନ ଆରମ୍ଭ କରିଥିଲେ ଆନ୍ନା ହଜାରେ । ଭାରତରେ ଦୁର୍ନୀତି ବିରୋଧୀ ଆନ୍ଦୋଳନ କ୍ଷେତ୍ରରେ ଆନ୍ନା ହଜାରେଙ୍କ ଅନଶନ ଥିଲା ଐତିହାସିକ । ହଜାରେଙ୍କ ଅନଶନରୁ ଜନ୍ମ ନେଇଥିଲା 'ଇଣ୍ଡିଆ ଏଗେନେଷ୍ଟ୍ କରପସନ' ଅଭିଯାନ (ଆଇଏସି) । ଆନ୍ନା ହଜାରେଙ୍କ ଦାବି ଆଗରେ ନତମସ୍ତକ ହୋଇଥିଲେ ମନମୋହନ ସିଂହ ସରକାର ।

ଏକବିଂଶ ଶତାବ୍ଦୀରେ ଆଉ ଗୋଟିଏ ଅନଶନ ସଂପର୍କରେ ଚର୍ଚ୍ଚା ପ୍ରାୟ ହୁଏ ନାହିଁ । ପରିବେଶବିତ ତଥା ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ଜି.ଡି ଅଗ୍ରୱାଲ ( ଯିଏ କି ପରେ ସ୍ୱାମୀ ଜ୍ଞାନସ୍ୱରୂପ ସାନନ୍ଦ ଭାବେ ପରିଚିତ ହେଲେ ) ଗଙ୍ଗା ନଦୀର ସଂରକ୍ଷଣ ପାଇଁ କଡା ପଦକ୍ଷେପ ଦାବିରେ ଏକାଧିକ ଥର ଅନଶନ କରିଥିଲେ । ଗଙ୍ଗାନଦୀ ତଟରେ ଜଳବିଦ୍ୟୁତ ପ୍ରକଳ୍ପ ଓ ଅନ୍ୟ ବିକାଶମୂଳକ କାମ ବନ୍ଦ କରିବା ପାଇଁ ଆଇନଗତ ବ୍ୟବସ୍ଥା ଦାବିରେ ୨୦୧୮ରେ ଅନଶନ କରିଥିଲେ ଜି.ଡି ଅଗ୍ରୱାଲ । ଏହାଥିଲା ଅଗ୍ରୱାଲଙ୍କ ଶେଷ ଅନଶନ। ଋଷିକେଶରେ ଦୀର୍ଘ ୧୧୧ ଦିନ ଧରି ଅନଶନ କରିବା ପରେ ୨୦୧୮ ମସିହା ଅକ୍ଟୋବର ୧୧ ତାରିଖରେ ଆଖି ବୁଜିଥିଲେ ଅଗ୍ରୱାଲ । ଏହା ସତ୍ତ୍ୱେ ତାଙ୍କ ଦାବି ପୂରଣ ନେଇ ନୀରବ ରହିଥିଲେ ସରକାର । ପରିବେଶବିତ ତଥା 'ନର୍ମଦା ବଚାଓ ଆନ୍ଦୋଳନ'ର ସଂସ୍ଥାପକ ମେଧା ପାଟକର ବିସ୍ଥାପିତଙ୍କ ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ଦାବିରେ ବିଭିନ୍ନ ସମୟରେ ଅନଶନ କରିଛନ୍ତି। ତାଙ୍କ ଅନଶନ ଯୋଗୁଁ ନର୍ମଦା ପ୍ରକଳ୍ପ ବିସ୍ଥାପିତଙ୍କ ସମସ୍ୟା ଅଦାଲତରେ ପହଞ୍ଚି ପାରିଥିଲା। ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନ ଦାବିରେ ଟିଆରଏସ ( ବର୍ତ୍ତମାନର ଭାରତ ରାଷ୍ଟ୍ର ସମିତି) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ଅନଶନ କରିଥିଲେ। ୨୦୦୯ ନଭେମ୍ବର ୨୯ ତାରିଖରେ ତେଲେଙ୍ଗାନା ରାଜ୍ୟ ଦାବିରେ ଅନଶନ ଆରମ୍ଭ କରିଥିଲେ ଚନ୍ଦ୍ରଶେଖର । ଏହି ଅନଶନ ପରେ ହିଁ ତେଲେଙ୍ଗାନା ଦାବିରେ ଜୋରଦାର ହୋଇଥିଲା ଆନ୍ଦୋଳନ । ୨୦୦୬ରେ ସିଙ୍ଗୁର ଟାଟା ନାନୋ କାର୍ ପ୍ରକଳ୍ପ ପାଇଁ ଚାଷ ଜମି ଅଧିଗ୍ରହଣ ବିରୋଧରେ ମମତା ବାନାର୍ଜୀଙ୍କ ଅନଶନ ମଧ୍ୟ ବେଶ୍ ଚର୍ଚ୍ଚିତ ହୋଇଥିଲା ।

# ବ୍ୟାଘ୍ର ସଂରକ୍ଷଣ ଓ ଏହାର ପରିବେଶୀୟ ଗୁରୁତ୍ୱ ସୁରକ୍ଷା ବ୍ୟବସ୍ଥା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ପ୍ରତିବର୍ଷ ଜୁଲାଇ ୨୯ ତାରିଖରେ ସମଗ୍ର ବିଶ୍ୱରେ 'ଆନ୍ତର୍ଜାତୀୟ ବାଘ ଦିବସ' ବା 'ବିଶ୍ୱ ବାଘ ଦିବସ' (International Tiger Day) ଅତ୍ୟନ୍ତ ନିଷ୍ଠା ଓ ଗାମ୍ଭୀର୍ଯ୍ୟର ସହିତ ପାଳନ କରାଯାଇଥାଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଙ୍ଗଲର ରାଜା ତଥା ପରିବେଶ ସନ୍ତୁଳନର ପ୍ରତୀକ ମହାବଳ ବାଘ (Panthera tigris) ର ସୁରକ୍ଷା, ଜୈବବିବିଧତା ସଂରକ୍ଷଣ ଏବଂ ଏହାର ପ୍ରାକୃତିକ ବାସସ୍ଥଳୀକୁ ବିଲୁପ୍ତି ଦାଉରୁ ରକ୍ଷା କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ଦିବସର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାଯାଏ ଯେ ୨୦୧୦ ମସିହାରେ ଋଷିଆର ସେଣ୍ଟ ପିଟର୍ସବର୍ଗ (Saint Petersburg Tiger Summit) ଠାରେ ଆୟୋଜିତ ବିଶ୍ୱ ବାଘ ସମ୍ମିଳନୀରେ ୧୩ଟି ବାଘ ବାସ କରୁଥିବା ଦେଶ (Tiger Range Countries) ର ପ୍ରତିନିଧିମାନେ ଏକାଠି ହୋଇ ସଂକଳ୍ପ ନେଇଥିଲେ ଯେ ୨୦୨୨ ସୁଦ୍ଧା ବିଶ୍ୱରେ କ୍ରମାଗତ ଭାବେ ହ୍ରାସ ପାଉଥିବା ବାଘସଂଖ୍ୟାକୁ ଦ୍ୱିଗୁଣିତ କରାଯିବ, ଯାହାକୁ "Tx2' ଲକ୍ଷ୍ୟ ଭାବରେ ନାମିତ କରାଯାଇଥିଲା। ବାଘ ହେଉଛି ଜଙ୍ଗଲର ଆହାର ଶୃଙ୍ଖଳା Food Chain ର ଶୀର୍ଷରେ ଥିବା ଏକ ଅଗ୍ରଣୀ ଶିକାରୀ ଜୀବ (Apex Predator), ଯାହାକି ତୃଣଭୋଜୀ ପ୍ରାଣୀ ଯଥା ହରିଣ, ସମ୍ବର, ବରାହ ଆଦିଙ୍କ ସଂଖ୍ୟାକୁ ନିୟନ୍ତ୍ରଣରେ ରଖି ଜଙ୍ଗଲର ଉଦ୍ଭିଦରାଜି ଏବଂ ପ୍ରାକୃତିକ ସମ୍ପଦକୁ ବିନାଶ ହେବାରୁ ରକ୍ଷା କରିଥାଏ। ଯଦି ଜଙ୍ଗଲରୁ ବାଘ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବେ, ତେବେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଇବ, ଯାହା ଫଳରେ ସମଗ୍ର ଜଙ୍ଗଲର ବୃକ୍ଷଲତା ଶେଷ ହୋଇଯିବ, ଜଳାଶୟଗୁଡ଼ିକ ଶୁଖିଯିବ ଏବଂ ଶେଷରେ ସମଗ୍ର ପରିବେଶ ସନ୍ତୁଳନ ବିଗିଡ଼ିଯାଇ ମାନବ ସମାଜ ପାଇଁ ମରୁଡ଼ି, ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର କାରଣ ସାଜିବ। ଅଠରଶହ ଶତାବ୍ଦୀର ଶେଷ ଭାଗରେ ସମଗ୍ର ବିଶ୍ୱରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଜଙ୍ଗଲୀ ବାଘ ବିଚରଣ କରୁଥିଲେ, ମାତ୍ର ଅବିଚାରିତ ଶିକାର, ଜଙ୍ଗଲ କ୍ଷୟ, ସହରୀକରଣ ଏବଂ ମାନବୀୟ ଅପରାଧ ଯୋଗୁଁ ବିଂଶ ଶତାବ୍ଦୀର ଶେଷ ବେଳକୁ ଏହି ସଂଖ୍ୟା ମାତ୍ର କେଇ ହଜାରକୁ ଖସି ଆସିଥିଲା, ଯାହା ବୈଜ୍ଞାନିକ ଓ ପରିବେଶବିତ୍‌ମାନଙ୍କୁ ଗଭୀର ଚିନ୍ତାରେ ପକାଇଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ବାଘକୁ କେବଳ ଏକ ବନ୍ୟଜନ୍ତୁ ନୁହେଁ, ବରଂ ଶକ୍ତିର ପ୍ରତୀକ ଓ ଦେବୀ ଦୁର୍ଗାଙ୍କ ବାହନ ଭାବେ ପୂଜା କରାଯାଏ, ଏବଂ ୧୯୭୩ ମସିହା ଏପ୍ରିଲ ୧ ତାରିଖରେ ଭାରତ ସରକାର 'ପ୍ରୋଜେକ୍ଟ ଟାଇଗର' (Project Tiger) ର ଶୁଭାରମ୍ଭ କରି ବାଘକୁ ଭାରତର ଜାତୀୟ ପଶୁ (National Animal) ଭାବେ ଘୋଷଣା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ମାତ୍ର ୯ଟି ବାଘ ଅଭୟାରଣ୍ୟକୁ ନେଇ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଟାଇଗର' ଆଜି ବିଶ୍ୱର ସବୁଠାରୁ ସଫଳ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା ଭାବେ ପରିଗଣିତ ହୋଇଛି ଏବଂ ବର୍ତ୍ତମାନ ଭାରତରେ ୫୮ରୁ ଊର୍ଦ୍ଧ୍ୱ ବାଘ ଅଭୟାରଣ୍ୟ (Tiger Reserve) ରହିଛି, ଯାହା ଜାତୀୟ ବାଘ ସଂରକ୍ଷଣ ପ୍ରାଧିକରଣ (NTCA - National Tiger Conservation Authority) ଦ୍ୱାରା ପରିଚାଳିତ ହେଉଛି। ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟି (NTCA) ଏବଂ ୱାଇଲ୍ଡଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ (WII) ଦ୍ୱାରା ପ୍ରତି ୪ ବର୍ଷରେ ସମଗ୍ର ଭାରତବର୍ଷରେ ବାଘ ଗଣନା (All India Tiger Estimation) କରାଯାଇଥାଏ, ଯେଉଁଥିରେ କ୍ୟାମେରା ଟ୍ରାପ୍ (Camera Traps), ପଗମାର୍କ, ଜେନେଟିକ୍ ସାମ୍ପଲିଂ ଏବଂ 'M-STrIPES' ନାମକ ଆଧୁନିକ ମୋବାଇଲ ଆପ୍ଲିକେସନ୍ ଓ ଏଆଇ (AI) ମଡେଲର ବ୍ୟବହାର କରାଯାଏ। ୨୦୨୨-୨୦୨୩ ଗଣନା ପ୍ରତିବେଦନ ଅନୁଯାୟୀ ଭାରତରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩,୬୮୨ରେ ପହଞ୍ଚିଛି, ଯାହା ବିଶ୍ୱର ମୋଟ ଜଙ୍ଗଲୀ ବାଘ ସଂଖ୍ୟାର ପ୍ରାୟ ୭୫ ଶତାଂଶରୁ ଅଧିକ। ଭାରତର ମଧ୍ୟପ୍ରଦେଶ ରାଜ୍ୟ ୭୮୫ଟି ବାଘ ସହିତ ଦେଶର 'ଟାଇଗର ଷ୍ଟେଟ୍' ଭାବେ ଶୀର୍ଷରେ ଥିବାବେଳେ କର୍ଣ୍ଣାଟକ, ଉତ୍ତରାଖଣ୍ଡ ଓ ମହାରାଷ୍ଟ୍ରରେ ମଧ୍ୟ ବିପୁଳ ସଂଖ୍ୟାରେ ବାଘ ବାସ କରୁଛନ୍ତି। ଓଡ଼ିଶାର ବାଘ ସଂରକ୍ଷଣ ପରିସଂଖ୍ୟାନ ଓ ସ୍ଥିତିକୁ ଦେଖିଲେ, ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ସିମିଳିପାଳ ବ୍ୟାଘ୍ର ପ୍ରକଳ୍ପ (Similipal Tiger Reserve) ହେଉଛି ଓଡ଼ିଶାର ପ୍ରମୁଖ ଓ ଗୌରବମୟ ସଂରକ୍ଷିତ ଜଙ୍ଗଲ। ସିମିଳିପାଳର ସ୍ୱତନ୍ତ୍ରତା ହେଉଛି ଏହା ବିଶ୍ୱର ଏକମାତ୍ର ପ୍ରାକୃତିକ ବାସସ୍ଥଳୀ ଯେଉଁଠାରେ ଦୁର୍ଲଭ 'କଳା ବାଘ' ବା ମେଲାନିଷ୍ଟିକ ବାଘ (Melanistic Tigers / Pseudo-melanistic Tigers) ଦେଖିବାକୁ ମିଳନ୍ତି, ଯାହାଙ୍କ ଶରୀରରେ ଜିନଗତ ପରିବର୍ତ୍ତନ (Tpsg gene mutation) ହେତୁ କଳା ଗାରଗୁଡ଼ିକ ଅତ୍ୟନ୍ତ ଓସାରିଆ ଓ ଘନ ହୋଇଥାଏ। ଓଡ଼ିଶା ଜଙ୍ଗଲ ବିଭାଗ ଓ NTCA ର ମିଳିତ ଗଣନା ଅନୁଯାୟୀ ଓଡ଼ିଶାରେ ସିମିଳିପାଳ, ସାତକୋଶିଆ ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଘସଂଖ୍ୟାରେ ସୁଧାର ଆସିଛି, ବିଶେଷ କରି ସିମିଳିପାଳରେ ଜାତୀୟ ଓ ରାଜ୍ୟ ସ୍ତରୀୟ ସୁରକ୍ଷା କଡ଼ାକଡ଼ି କରାଯିବା ଫଳରେ ବାଘ ବଂଶବୃଦ୍ଧି ନିଶ୍ଚିତ ହୋଇପାରିଛି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ (Satkosia Tiger Reserve), ଯାହା ଅନୁଗୁଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲା ଦେଇ ପ୍ରବାହିତ ମହାନଦୀ କୋଳରେ ବିସ୍ତୃତ, ସେଠାରେ ମଧ୍ୟ ବାଘଙ୍କ ବାସସ୍ଥଳୀ ଓ ଆହାର ସୃଷ୍ଟି ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ସେହିପରି ବରଗଡ଼ ଜିଲ୍ଲାର ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ (Debrigarh Wildlife Sanctuary) ରେ ମଧ୍ୟ ବାଘର କ୍ରମାଗତ ଉପସ୍ଥିତି ଓ ଚଳପ୍ରଚଳ ଓଡ଼ିଶା ପାଇଁ ଆଶାର କିରଣ ସାଜିଛି। ତେବେ ବାଘ ସଂରକ୍ଷଣ ପ୍ରକ୍ରିୟାରେ ଅନେକ ଜଟିଳ ଆହ୍ୱାନ ଓ ସଙ୍କଟ ରହିଛି, ଯାହାର ମୁଖ୍ୟ କାରଣ ହେଉଛି ବେଆଇନ ଶିକାର (Poaching)। ବାଘର ଚାମଡ଼ା, ହାଡ଼, ନଖ, ଦାନ୍ତ ଓ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଆନ୍ତର୍ଜାତୀୟ ଚୋରା ବଜାରରେ ଓ କଳା ବାଣିଜ୍ୟରେ କୋଟି କୋଟି ଟଙ୍କାରେ ବିକ୍ରି କରାଯାଉଥିବାରୁ ଚୋରା ଶିକାରୀମାନେ ବନ୍ଧୁକ, ବିଷପ୍ରୟୋଗ ଓ ଫାଶ (Snares/ Snares and Electric Fencing) ପକାଇ ବାଘମାନଙ୍କୁ ହତ୍ୟା କରିଥାନ୍ତି। ଅନ୍ୟପକ୍ଷରେ ଜଙ୍ଗଲ କ୍ଷୟ (Deforestation), ଖନନ କାର୍ଯ୍ୟ, ଶିଳ୍ପାୟନ, ରାସ୍ତା ଓ ରେଳପଥ ନିର୍ମାଣ ଯୋଗୁଁ ବାଘମାନଙ୍କର ପ୍ରାକୃତିକ ଚଳପ୍ରଚଳ ବାଟ ବା 'କୋରିଡୋ' (Wildlife Corridors) ବିଚ୍ଛିନ୍ନ ହୋଇଯାଉଛି, ଯାହା ଫଳରେ ଜଙ୍ଗଲୀ ବାଘମାନେ ସଂକୁଚିତ ସୀମାରେ ଆବଦ୍ଧ ହୋଇ ରହୁଛନ୍ତି। ଏହି ବାସସ୍ଥଳୀର ବିଖଣ୍ଡନ ଯୋଗୁଁ ବାଘମାନେ ଆହାର ଓ ବାସସ୍ଥାନର ସନ୍ଧାନରେ ଜଙ୍ଗଲ ସୀମା ପାର ହୋଇ ଜନବସତି ଆଡ଼କୁ ଚାଲିଆସୁଛନ୍ତି, ଯାହା ମାନବ-ବନ୍ୟଜନ୍ତୁ ସଂଘର୍ଷ (Human-Tiger Conflict) କୁ ଜନ୍ମ ଦେଉଛି। ଗାଁ ଭିତରକୁ ବାଘ ପଶି ଆସିବା ଫଳରେ ଗୃହପାଳିତ ପଶୁଙ୍କୁ ଶିକାର କରିବା, ମଣିଷଙ୍କୁ ଆକ୍ରମଣ କରିବା ଏବଂ ଏହାର ପ୍ରତିଶୋଧ ସ୍ୱରୂପ ଗ୍ରାମବାସୀମାନେ ବାଘକୁ ବିଷ ଦେଇ କିମ୍ବା ବିଦ୍ୟୁତ ତାର ବିଛାଇ ହତ୍ୟା କରିବାର ଅପ୍ରୀତିକର ଘଟଣା ସାମ୍ନାକୁ ଆସୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଓ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ବାଘ ଅଭୟାରଣ୍ୟଗୁଡ଼ିକର କୋର୍ ଅଞ୍ଚଳ (Core Area) ରୁ ମାନବ ବସତିକୁ ସ୍ୱେଚ୍ଛାକୃତ ଭାବେ ଅନ୍ୟତ୍ର ପୁନର୍ବାସିତ (Voluntary Relocation) କରାଯାଇ ବାଘଙ୍କ ପାଇଁ ନିରୁପଦ୍ରବ ପରିବେଶ ସୃଷ୍ଟି କରାଯାଉଛି। ଏଥିସହିତ ଜଙ୍ଗଲ ଭିତରେ ତୃଣଭୋଜୀ ଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଇଁ ଘାସପଡ଼ିଆ ନିର୍ମାଣ (Grassland Management) ଓ କୃତ୍ରିମ ଜଳାଶୟ ସୃଷ୍ଟି କରାଯାଉଛି, ଯେପରି ବାଘକୁ ଜଙ୍ଗଲ ଭିତରେ ଯଥେଷ୍ଟ ଆହାର ମିଳିପାରିବ। ବେଆଇନ ଶିକାର ରୋକିବା ପାଇଁ ସଶସ୍ତ୍ର ଆଣ୍ଟି-ପୋଚିଂ ସ୍କ୍ୱାଡ୍ (Anti-Poaching Squads), ସ୍ୱେଚ୍ଛାସେବୀ ଗ୍ରାମୀଣ ବନ୍ୟପ୍ରାଣୀ ସୁରକ୍ଷା କମିଟି, ଏବଂ ଡ୍ରୋନ୍ କ୍ୟାମେରା ଓ ସ୍ନିଫର୍ ଡଗ୍ (Sniffer Dogs) ର ବ୍ୟବହାର କରାଯାଉଛି। ବାଘ ସଂରକ୍ଷଣ କେବଳ ସରକାରୀ ବା ସାମରିକ ବଳ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ଜଙ୍ଗଲ ସୀମାନ୍ତରେ ବାସ କରୁଥିବା ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ଭାଗୀଦାରୀ ଅତ୍ୟନ୍ତ ଆବଶ୍ୟକ। 'ଇକୋ-ଟୁରିଜିମ୍' (Eco-Tourism) ଜରିଆରେ ସ୍ଥାନୀୟ ଲୋକଙ୍କୁ ଜୀବିକା ଯୋଗାଇ ଦିଆଗଲେ ସେମାନେ ଜଙ୍ଗଲ ଓ ବାଘକୁ ଶତ୍ରୁ ନଭାବି ନିଜର ସମ୍ପତ୍ତି ଓ ରକ୍ଷାକର୍ତ୍ତା ଭାବେ ବିଚାର କରିବେ। ବିଶ୍ୱ ବାଘ ଦିବସ ପାଳନର ପ୍ରକୃତ ସାରମର୍ମ ହେଉଛି ଆମର ପୃଥିବୀକୁ ସବୁଜ, ସୁନ୍ଦର ଓ ଜୈବବିବିଧତାରେ ସମୃଦ୍ଧ କରି ରଖିବା, କାରଣ ବାଘ ବଞ୍ଚିଲେ ଜଙ୍ଗଲ ବଞ୍ଚିବ, ଜଙ୍ଗଲ ବଞ୍ଚିଲେ ଜଳସମ୍ପଦ ଓ ବାୟୁମଣ୍ଡଳ ସୁରକ୍ଷିତ ରହିବ, ଏବଂ ଶେଷରେ ମାନବ ସଭ୍ୟତାର ଅସ୍ତିତ୍ୱ ନିରାପଦ ରହିବ, ତେଣୁ ଆସନ୍ତୁ ଏହି ଆନ୍ତର୍ଜାତୀୟ ବାଘ ଦିବସରେ ବାଘ ସଂରକ୍ଷଣ ଓ ସୁରକ୍ଷା ପାଇଁ ଶପଥ ନେବା ଏବଂ ବସୁଧାର ଏହି ମହାନ ବନ୍ୟପ୍ରାଣୀକୁ ବିଲୁପ୍ତିରୁ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ତୋ ଶରଧା ବାଲିକି ଛୁଇଁଦେଲେ ଥରେ

*ହରିଷ୍ଚନ୍ଦ୍ର ବେହେରା*



ତୋ ଶରଧା ବାଲିକି ଛୁଇଁଦେଲେ ଥରେ
ମୋ ପ୍ରାଣ ବଉଳି ଯାଏ
ତୋ କଳା ବଦନକୁ ଦେଖି ଦେଲେ ଥରେ
ଆତ୍ମହରା ହୋଇଯାଏଁ ।୦।

ସବୁତ ଜାଣିଛୁ ତୋ ଠାରେ ମୋହର
କିଛିବି ମାଗୁଣି ନାହିଁ
କିଛି ଦେଇନାହୁଁ ବୋଲିବି କି ଆଉ
ତୋ ମାୟାରେ ମୁଁ ତ ବାଇ
ତୋ ଗରୁଡ଼ ସ୍ତମ୍ଭ ପାଖେ ଠିଆ ହୋଇ
ତୋହରି ଭଜନ ଗାଏ ।୧।

ଷାଠିଏ ପଉଟି ଭୋଗ ଖାଉଥାଉ
ସେ ଲାଗି ପେଟା ଠାକୁର
କେଡ଼େ ଶରଧାରେ ବୁଲିଯାଉ ଥରେ
ଦୁଃଖିନୀ ମାଉସୀ ଘର
ପଦ୍ମାଳୟାଙ୍କର କେତେ ଆଡ଼ରୁଷା
ଅଭିମାନେ ରହିଯାଏ ।୨।

ଅସଂଖ୍ୟ ରାତି ମୋ ଉଜାଗର ଆଖି
ତୋ ଆଖି ବୁଝିବ କାହୁଁ
ଜୀବନ ସାରାତ କନ୍ଦେଇ କନ୍ଦେଇ
କେଉଁ ସୁଖ ଅବା ପାଉ
ତୋ ଗଳା ଦୟଣା ତୁଳସୀ ମାଳାରେ
ସଦା ମୁଁ ମହକୁ ଥାଏଁ ।୩।

*କଲ୍ୟାଣ ନଗର, ବାଲେଶ୍ୱର-୧*
*ମୋ-୯୪୩୭୮୧୩୭୦୮*

## କୁହ ହେ ଛଳିଆ !

*ପ୍ରମୋଦ କୁମାର ମହାପାତ୍ର*



ତୁମ ନାମ ଧରି ଜୀବନ ବିତିଲା
କୁହ ହେ ଛଳିଆ କେତେ ଦିନ ଭଲା ...
ସୁଖ ପାଇଲି ନା ଦୁଃଖ ମୋ ଘୁଞ୍ଚିଲା,
କୁହ ହେ ଛଳିଆ !

ପ୍ରତି ସ୍ପନ୍ଦନରେ ଯାହାକୁ ଖୋଜିଲି
ପ୍ରତି ସୃଜନରେ ଯା' ଛବି ଦେଖିଲି
ଉଣା ଆଉକି ତା ସେବାରେ ରହିଲା,
କୁହ ହେ ଛଳିଆ !

ତୁମ ବଗିଚାରେ ଫୁଲ ମୁଁ ସାଜିଲି
କଣ୍ଟାର ଆଘାତ ନିତି ଯେ ସହିଲି
ଲୁହ ଝରି ଝରି ଆଖି ମୋ ଶୁଖିଲା,
କୁହ ହେ ଛଳିଆ !

ନିଜର ଜାଣିକି ଦୁଃଖ ଜଣାଇଲି
ଶ୍ରୀଚରଣ ତଳେ ଶରଣ ପଶିଲି
ଆଶା ନ ପୁରିଲା ଆଶରା କି ଗଲା,
କୁହ ହେ ଛଳିଆ !

*କନ୍ସଲଟାଣ୍ଟ, ଦୂରସଂଚାର ବିଭାଗ, ଭୁବନେଶ୍ୱର*
*ମୋ- ୯୪୩୭୫୭୮୩୧୧*

## ଚିତାଲାଗି ଅମାବାସ୍ୟା...

*ରାମଚନ୍ଦ୍ର ବେହେରା*



ବାରମାସ ଅନ୍ତେ ଆସୁଛି ମରତେ
ଚିତାଲାଗି ଅମାବାସ୍ୟା
ଶ୍ରୀମନ୍ଦିରେ ହେବ ତିନି ଠାକୁରଙ୍କ
ରତ୍ନଚିତା ବେଶଭୂଷା ।
ହୀରାରେ ଖଚିତ ସ୍ୱର୍ଣ୍ଣ ଧଳାଚିତା
କଳା ଠାକୁରଙ୍କ ପାଇଁ
ନୀଳାରେ ଖଚିତ ସ୍ୱର୍ଣ୍ଣ ନୀଳଚିତା
ପିନ୍ଧିବେ ବଳିଆ ଭାଇ ।

ମାଣିକ୍ୟ ଖଚିତ ସ୍ୱର୍ଣ୍ଣ ନାଲିଚିତା
ପିନ୍ଧିବେ ସୁଭଦ୍ରା ମାତ
ତିନି ଠାକୁରଙ୍କ ଚିତାଲାଗି ବିଧି
ଶ୍ରଦ୍ଧାରେ ହେବ ପାଳିତ ।
ଶ୍ରାବଣର ଏହି ପୂଣ୍ୟ ଅମାବାସ୍ୟା
ବଡ ଗୌରବର ଦିନ
ଘରେ ଘରେ ସର୍ବେ ଚିତୋଉ ବନାଇ
ଗେଣ୍ଡାଙ୍କୁ କରିବେ ଦାନ ।

ନଡିଆ ଚାଉଳ ବିରି ମିଶ୍ରଣରେ
ବନିବ ଚିତୋଉ ପିଠା
ଛେନା ଓ ଗୁଡର ପୁର ମହକିବ
ପାଟିକୁ ଲାଗିବ ମିଠା ।
ପିଠା ଦାନ ବେଳେ ଗେଣ୍ଡାଙ୍କୁ କହିବେ
ଆମ ବିଲରେ ତୁ ଥିବୁ
ବାପା ଭାଇ ଯେବେ ଚାଷ କରୁଥିବେ
ଗୋଡ ତାଙ୍କ ନକାଟିବୁ ।
କେଉଁ ପୁରାକାଳୁ ଚାଲି ଆସୁଅଛି
ଆମ ଏଇ ପରମ୍ପରା
ସଂସ୍କାର ସଂସ୍କୃତି ପର୍ବ ପର୍ବାଣିରେ
ଓଡ଼ିଶା ଆମ ନିଆରା ।
ଉତ୍କଳର ଗର୍ବ ଚିତାଲାଗି ପର୍ବ
ବିଶ୍ୱାସର ଭାବ ଦିଏ
ବିଶ୍ୱାସରେ ବନ୍ଧା ଏ ଧର୍ମ ଦୁନିଆଁ
ଗୀତା ଭାଗବତ କୁହେ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## କଦର୍ଥ

*ବିନୟ ମିଶ୍ର*

ଶାସ୍ତ୍ର ପଢିବାକୁ ସମର୍ଥ ନୋହିଲେ
ବ୍ୟାକରଣ ନିଶ୍ଚେ ପଢ଼,
ସମ ଉଚ୍ଚାରଣ ଶବଦର ଅର୍ଥ
ବୁଝିଲେ ହୋଇବ ବଡ଼ ।

ସ୍ୱଜନ କହିଲେ ଆତ୍ମୀୟ ବୁଝାଏ
ସ୍ୱଜନ ଅଟେ କୁକୁର,
ସକଳର ଅର୍ଥ ସଂପୂର୍ଣ୍ଣ ହୁଅଇ
ଶକଳ ଖଣ୍ଡେ ମାତର ।

ସକୃତ୍‌ର ଅର୍ଥ ଥରେ ମାତ୍ର ହୁଏ
ମଳ ଅଟଇ ଶକୃତ,

ମହାଶଙ୍ଖ ଅଟେ ମଣିଷ ଖପୁରି
ମହାମାଂସ ନର ମାଂସ ।

ମହାତୈଳ ଅଟେ ଶବ ପୋଡା ତେଲ
ମହା ବୈଦ୍ୟ ଯମରାଜ,
ମହା ଜ୍ୟୋତିଷ ଯେ ଅଟେ ଚିତ୍ରଗୁପ୍ତ
ଚଣ୍ଡାଳଟି ମହାଦ୍ୱିଜ ।

ମହାଯାତ୍ରା ଅଟେ ମରଣର ଯାତ୍ରା
ମହା ପଥ ମୃତ୍ୟୁ ପଥ,
ମହା ନିଦ୍ରା ଅଟେ ଶେଷ ନିଦ୍ରା ସିନା
ଅର୍ଥକୁ କରେ କଦର୍ଥ ।

*ନିଆଳ, ଖୋର୍ଦ୍ଧା*



## ଶାନ୍ତିରେ ଶୋଇବାକୁ ଦିଅ ତାକୁ

*ଅନସୂୟା ପଣ୍ଡା*



ସ୍ମୃତି ସଭାରେ ଦୀପଟିଏ ଜଳେଇ
ଫୁଲରେ ସଜେଇ
ମିଛ ବନ୍ଦନା କରନା କେହି
ତାକୁ ଶାନ୍ତିରେ ଶୋଇବାକୁ ଦିଅ ।
ସମ୍ପର୍କ ଧାରେ ଶୁଖିଲା ନଈ
ସେଥିରେ ପାଣି ନାହିଁ ସେ ଜାଣିପାରିଛି
ସଂଘର୍ଷର ସମୟ ମୁଣ୍ଡେଇ ଧରି
ସେ ଶୋଇଯାଇଛି ଅବଶ ହୋଇ
ତାକୁ ଶାନ୍ତିରେ ଶୋଇବାକୁ ଦିଅ ।
ଅନେକ ଦିନ ଶୋଇନି
ଉପେକ୍ଷାର ଲୁହ ଗଡେଇ
ପ୍ରତୀକ୍ଷାର ନିଦକୁ ହଜେଇ
ତା' ଭିତରେ ଜଳାନା ଆଉ
ଆଶାର ମହମବତି
ଛଳନାର ଆଖିଏ ଲୁହରେ
ଏକା ଏକା ଚାଲିବାକୁ ଦିଅ
ଅନୁଶୋଚନାର ଫର୍ଦ୍ଦକୁ ଆଡେଇ ।
ସମ୍ପର୍କ ଗୋଟେ ଶୁଖା ନଈ
ତୃଷ୍ଣା ଗୋଟେ ଅବୁଝା ଶବ୍ଦ ତା ପାଇଁ
ସେ ଶୋଇଛିତ ତାକୁ ଶୋଇବାକୁ ଦିଅ
ଉଠାଅନା କେହି
ସେ କେବେଠାରୁ ଭୁଲି ଯାଇଛି
ଆତ୍ମୀୟତାର ବାସ୍ନା ।
କିଛି ମିଠା ଶବ୍ଦର ଝଙ୍କାର
ମଧୁର ସ୍ୱର୍ଶ ଚିହ୍ନା ଚିହ୍ନା ହାତର
ଅନ୍ଧାରକୁ ଭରସା କରି
କାଟିଛି ସଞ୍ଚିତ ରାସ୍ତାକୁ ତା'ର
ଲୋକ ଦେଖାଣିଆ
ଶ୍ରଦ୍ଧା ଶ୍ରାଦ୍ଧ ସମର୍ପଣ କରନା ଆଉ
ସେ ଶୋଇଛି ତ ତାକୁ ଶୋଇବାକୁ ଦିଅ
ଉଠାଅନା ଆଉ ।
ତୁମ ପଥୁରିଆ ହାତର ସ୍ୱର୍ଶରେ
ସେ ବିସର୍ଜନ କରିସାରିଛି
ଜିଇଁ ଥାଉ ଥାଉ
କୋଷାଗାରର ସଂରକ୍ଷିତ ମୂର୍ତ୍ତି ସବୁକୁ
ଶଠତାର ମାୟାଜାଲରୁ ମୁକୁଳି ସାରିଛି
ମୃତ୍ୟୁର ଅମୃତ ବେଳାରେ
ତାକୁ ଉଠାଅନା ଆଉ ।

*ଭୁବନେଶ୍ୱର*
*ମୋ-୯୪୩୯୨୧୧୯୭୧*

## କବି ଓ ପ୍ରକୃତି

*ଦେବୀଦାସ (ସତ୍ୟବ୍ରତ ମହାଳିକ)*

ସୂର୍ଯ୍ୟକୁ କବି-
ତୁ ମୋତେ ଗରମ ଦେଖଉଛୁ... ?
ମୁଁ କବି,
ପ୍ରତ୍ୟେକ ଦିନ ସିଗାରେଟର ନିଆଁ,
ଗରମ ଚା'ର ଧୂଆଁ ସହ ଖେଳୁଥିବା ଲୋକ ମୁଁ ।

ବର୍ଷାକୁ କବି-
ତୁ କ'ଣ ଏକା ବରଷିପାରୁ... ?
ତୋର ଗର୍ଜନ କାହିଁ... ?
ମୁଁ କବି,
ଏକା ଥରକେ ଏକାଧିକଙ୍କୁ
ମୁଁ କନ୍ଦେଇ ପାରେ,
ମୁଁ ସମୁଦ୍ରଠୁଁ ଅଧିକା ଗରଜି ପାରେ ।



ଆକାଶକୁ କବି-
ତୁ ସାତରଙ୍ଗ ଆଙ୍କିପାରୁ,
ମୁଁ ସପ୍ତମ ସ୍ୱର ରଚିପାରେ,
ତୁ ମୋତେ ଗଢ଼ିଛୁ,
ମୁଁ ତୋ ଭଳି ଅନେକେ ଗଢ଼ିଛି
ମୋ କଲମ ମୁନରେ ।

*ପ୍ରତିଷ୍ଠାତା ଏବଂ ସଭାପତି ଉତ୍କଳ ଯୁବ ସାହିତ୍ୟ ସାମୁଖ୍ୟ*
*ସୋର, ବାଲେଶ୍ୱର*
*ମୋ-୯୬୯୨୧୯୪୩୯୭*



## କିଏ ଅଛି ତୁମ ବିନା ?

*ଉମାଶଙ୍କର ପ୍ରସାଦ*

ହେ ଜଗନ୍ନାଥ
ଅନାଥର ନାଥ ତୁମେ
ଦିଗହରା ବିହଙ୍ଗର ଗତି
ପଙ୍ଗୁ ଆଶାବାଡି ତୁମେ
ଅନ୍ଧ ପାଇଁ ଅନିର୍ବାଣ ଜ୍ୟୋତି
ନେଇଯାଅ ଏ ସଂସାର ସାଗରୁ
ଏ ଅଧମେ କରିଣ କରୁଣା
ଏ ପଙ୍କୁ ଉଦ୍ଧାରିବାକୁ
କିଏ ଆଉ ଅଛି ତୁମ ବିନା ?
ଲୋଡ଼ନାହିଁ ଆଉ ଜୀବନରେ
କିଛି ମୋର
କେବଳ ତୁମ ନାମ ଧ୍ୟାୟୀ
ପ୍ରାଣ ପକ୍ଷୀ ଉଡିଯାଉ ମୋର
ଏତିକି ବିନତି ଅଟେ ମାତର ।

*ଖୋର୍ଦ୍ଧା*
*ମୋ-୬୩୭୦୬୭୫୫୬୨*



ଡ. ଚନ୍ଦ୍ରକଳା ନାୟକ



## ମାଆର ଉଦ୍ୟାନ

ଅରବିନ୍ଦ ବାବୁ ଆଜି ନିରୋଳାରେ ବସି ଅତୀତକୁ ରୋମନ୍ଥନ କରୁଛନ୍ତି । ପିଲାଙ୍କ ଭବିଷ୍ୟତ ପାଇଁ ସବୁକିଛି ତାଙ୍କୁ ଅଣଦେଖା କରିବାକୁ ପଡିଛି । ସେ ଅଣଦେଖାର ଭିଡ ଭିତରେ ତାଙ୍କ ଶ୍ରୀମତୀ ବି ଅଛନ୍ତି । ପୁଅ ତ ଭଲ ଚାକିରି କଲା । ଏକମାତ୍ର ଝିଅ ଭଲ ପରିବାରର ବୋହୂ ହୋଇ ଚାଲିଗଲା । ଘରଟା ଖାଲି ହେଲେ ବି ପୁରିଲା ପୁରିଲା ଲାଗୁଛି । ଏବେ ଅରବିନ୍ଦ ବାବୁଙ୍କୁ ଘର ଓ ଘରଣୀ ଖୁବ୍ ଭଲ ଲାଗୁଛନ୍ତି । କେବଳ ନିଜ ସ୍ତ୍ରୀର ମାନସିକ ସହଯୋଗ ପାଇଁ ସବୁକିଛି ସମ୍ଭବ ହୋଇପାରିଛି । ମନେ ମନେ ନିଜେ ସ୍ୱୀକାରୁଛନ୍ତି । ଏବେ କେବଳ ସ୍ୱାମୀ ସ୍ତ୍ରୀ ନିଜ ପାଇଁ ସମୟ ଦେବାକୁ ସ୍ଥିର କରିଛନ୍ତି । ଅରବିନ୍ଦ ବାବୁଙ୍କ ପତ୍ନୀ ସୀତାଦେବୀ ଖୁବ୍ ସରଳ । ତାଙ୍କ ଜୀବନକୁ ସେ ସର୍ବଦା ପରିବାର ପାଇଁ ସମର୍ପିତ କରିଛନ୍ତି । ମାତ୍ର ଗୋଟିଏ ବର୍ଷ ପରେ ମାତୃତ୍ୱ ଲାଭ କଲେ । ଏମିତି ମା'ଟିଏ ହେଲେ ଯେ, ଯାହା କହିବା ମୁସ୍କିଲ୍ । ଦିନରାତି ଏକ୍‌କରି ପିଲାମାନଙ୍କ ଜୀବନ ଗଢିବା ପାଇଁ ଅନବରତ ଲାଗି ପଡିଲେ ।

ବୋହୂ ଅହଲ୍ୟା ଓ ପୁଅ ସତ୍ୟ, ଦୁହେଁ ଚାକିରି କରନ୍ତି । ସତ୍ୟ ଆଗରେ ଅହଲ୍ୟା ସର୍ବଦା ଶାଶୁ ଶ୍ୱଶୁରଙ୍କ ଚୁଗୁଲି କରେ । କୌଣସି ସୁଯୋଗ ହାତ ପାହାନ୍ତାରୁ ଛାଡିବାକୁ ଚାହେଁନା । ସତ୍ୟକୁ ଏସବୁ ଭାରି କଷ୍ଟ ହେଉଥିଲା । ସତ୍ୟ ବି ଜାଣେ, ଏ ପରିବାର ପାଇଁ ସୀତାଦେବୀଙ୍କ କଣ ଅବଦାନ ଅଛି । ଅହଲ୍ୟା ଏଥର ଅଭିନବ ଉପାୟ ପାଞ୍ଚିଲା । ସୀତାଦେବୀଙ୍କର ସବୁଠାରୁ ପ୍ରିୟ, ତାଙ୍କ ସୁନ୍ଦର ବଗିଚାଟିକୁ କିପରି ତାଙ୍କ ଠାରୁ ଛଡାଇ ନେବ, ସେଥିପାଇଁ ଏକ ବିଦ୍ଧିବଦ୍ଧ ଯୋଜନା ପ୍ରସ୍ତୁତ କଲା । ଦିନେ ରାତିରେ ସତ୍ୟକୁ କହିଲା, ଶୁଣ ସତ୍ୟ- ମା' ଆଉ କାମକୁ ଜମା ପାରୁନାହାନ୍ତି । ବଗିଚାରେ ଗୁଡାଏ ଗଛ ଲଗାଇଛନ୍ତି । ସେ ଗଛ ଗୁଡିକର ଯତ୍ନ କିଏ ନେବ ? ଧୀରେ ଧୀରେ ତାଙ୍କ ଦେହ ବି ଅସୁସ୍ଥ ହେଲାଣି । ବିଛଣାରେ ପଡିଲେ ତାଙ୍କ ସେବା କିଏ କରିବ । ତମେ ଗୋଟିଏ କାମ କର । ଗୋଟିଏ ମାଳିର ବନ୍ଦୋବସ୍ତ କର । ଯିଏ ପୁରା ଆସି ଏଠାରେ ରହିବ । ସତ୍ୟ ଉତ୍ତର ଦେଲା, କିନ୍ତୁ ସେ ରହିବ କେଉଁଠି ? ଘରେ ତ ରହିବା ସମ୍ଭବ ନୁହେଁ । ଅହଲ୍ୟା ହସିଲା । କହିଲା- ଇଏ କି ପ୍ରଶ୍ନ ? ବାପା, ମା' ସିନା ଘର ଛୋଟ କରିଛନ୍ତି, ହେଲେ ତୁମ ଉଦ୍ୟାନ ତ ବହୁତ ବଡ ଜାଗାରେ ହୋଇଛି । ସେଇ ଉଦ୍ୟାନରୁ କିଛି ଗଛ କାଟି, ଗୋଟିଏ ଆଜ୍‌ବେଷ୍ଟସ୍ ଘର ତିଆରି କରିଦେବା । ମା'ଙ୍କ ପାଇଁ କଣ ଏତିକି କରିପାରିବାନି ? ସତ୍ୟ ଉତ୍ତର ଦେଲା, ହେଲେ ମୋ ମା'ର ସବୁଠାରୁ ପ୍ରିୟ ଜାଗା ହେଉଛି, ସେହି ଉଦ୍ୟାନଟା । କେତେ କଷ୍ଟରେ ସେ ତାକୁ ସାଇତି ରଖିଛି । ସେଠାରୁ କେମିତ ଆମେ ଗଛ ଗୁଡିକୁ କାଟି ପାରିବା ? ହଉ ଦେଖିବା କହି ସତ୍ୟ ଶୋଇପଡିଲା । ରାତି ପାହି ସକାଳ ହେଲା ।

ନିତିଦିନ ପରି ସକାଳୁ ସକାଳୁ ବାପ ପୁଅ ପେପର ପଢିବାରେ ବ୍ୟସ୍ତ ରହିଲେ । ଅରବିନ୍ଦ ବାବୁ ଜଣେ ଭଲ ପାଠକ । ଠିକ୍ ସୁଯୋଗ ଦେଖି ସତ୍ୟ ବାପାଙ୍କୁ କହିଲା- ବାପା, ଆମ ଉଦ୍ୟାନରୁ କିଛି ଗଛ କାଟି ସେଇଠାରେ ଗୋଟିଏ ଘର ନିର୍ମାଣ କରିବା । ଏ ଉଦ୍ୟାନର ଦେଖାରେଖା ପାଇଁ ମାଳିଟିଏ ଯୋଗାଡ କରିବି । ଯିଏ ଏଇଠାରେ ରହିବ ଏବଂ ଏହାର ଯତ୍ନ ନେବ । ଅରବିନ୍ଦ ବାବୁଙ୍କ କ୍ରୋଧ ବଢି ଯାଇଥିଲେ ବି ନିଜକୁ ଆୟତ କରି କହିଲେ- ଏ ବିଷୟରେ ମା' ଯାହା କହିବ ତାହା ହିଁ ଶେଷ ନିଷ୍ପତ୍ତି । ସୀତା ଜୀବନରେ ବହୁ କଷ୍ଟ ସହିଛି । ତୁମମାନଙ୍କୁ ମଣିଷ କରିବା ପାଇଁ ତିଳ ତିଳ ଯନ୍ତ୍ରଣା ପାଇଛି । ମୁଁ ବି କେବେ ତାକୁ ଭଲରେ ବଞ୍ଚିବାକୁ ସୁଯୋଗ ଦେଇନାହିଁ । ଆଉ ଆଜି ଅବସର ପରେ ମୋର ଏକମାତ୍ର କାମ ହେଉଛି, ତୋ ମା' ଏକ ନୂଆ ଜୀବନ ପାଇବ, ଜୀବନକୁ ଉପଭୋଗ କରିବ, ସାରା ଜୀବନ ଯାହା ପାଇନାହିଁ, ତାକୁ ଏବେ ମୋତେ ଅଜାଡି ଦେବାକୁ ପଡିବ । ସତ୍ୟ ଫେରି ଯାଉ ଯାଉ ମୁହଁ ବୁଲାଇଲା । ବାପା ତୁମର କଣ ବୟସ ଆଉ ଅଛି, ଉଦ୍ୟାନରେ ବସିବାକୁ । ତୁମେ ତୁମ ବୟସର ଲୋକଙ୍କ ସହ ଉଠାବସା କରୁନ । ଏତିକି କହି ଦୁମ୍ ଦୁମ୍ ହୋଇ ଘର ଭିତରକୁ ଚାଲିଗଲା ।

ବୋହୂର ଏ ଷଡଯନ୍ତ୍ରକୁ ନିର୍ମମ ଭାବେ ଅନୁଭବ କରୁଥିଲେ ଅରବିନ୍ଦ ବାବୁ । ଦୁହେଁ ସ୍ୱାମୀ ସ୍ତ୍ରୀ ଏହି ବ୍ୟବହାରରେ ସ୍ତବ୍ଧ ହୋଇଯାଇଥିଲେ । ପୂର୍ବରୁ ତ ଜୀବନଟା ଦଉଡୁଥିଲା । ହେଲେ ସେ ଦଉଡ ଥିଲା ପିଲାମାନଙ୍କୁ ସୁଖ ଦେବାର ବଳ ଜୁଟାଇବାର । ଆଜି କିନ୍ତୁ ଜୀବନ ଦଉଡୁଛି, ସ୍ୱାମୀ ସ୍ତ୍ରୀ ଭଲପାଇବାରେ । ସେଦିନ ସାରା ରାତି ସୀତାଦେବୀ ସେମିତି ଅନାଇ ରହିଥାନ୍ତି । ଅରବିନ୍ଦ ବାବୁ ବି କୋଉ ଶୋଇଛନ୍ତି । ରାତି ସାରା ଖାଲି ନିଜ ସ୍ତ୍ରୀଙ୍କୁ ଚାହୁଁଥାନ୍ତି । ମନକୁ ଅନେକ କଥା ଆସୁଥିଲେ ବି କହି ପାରୁନଥାନ୍ତି । ସେମିତି ଛଟପଟ ହୋଇ ସ୍ୱାମୀ ସ୍ତ୍ରୀଙ୍କର ରାତିଟା ପାହିଗଲା । ନିଜ ଜନ୍ମକଲା ପୁଅର କଥା ଦିପଦ କଳିଜା ଭିତରଟାକୁ ଓଟାରି ପକାଉଥିଲା ।

ସକାଳର ସୂର୍ଯ୍ୟୋଦୟ ସେ ରକ୍ତିମ ଆଭାରେ ଅରବିନ୍ଦ ବାବୁ ପୁରା ଶାନ୍ତ ଥିଲେ, ଠିକ୍ ଝଡ ପୂର୍ବର ନୀରବତା ପରି । ପ୍ରଥମ ଥର ପାଇଁ ରୋଷେଇ ଘରକୁ ପ୍ରବେଶ କଲେ । ଦୁଇ କପ୍ ସୁସ୍ୱାଦୁ ଚା ତିଆରି କଲେ । କିଛି ଅଭିଜ୍ଞତା ନଥାଇ ବି ସେଦିନ ସୀତାଦେବୀଙ୍କ ଚା ପିଆଇବାର ଇଚ୍ଛାଶକ୍ତିରେ ସାରା ଘରଟା ଚାର ବାସ୍ନାରେ ଘରଟା ମହକି ଉଠୁଥିଲା । ସୀତାଦେବୀ ପଚାରିଲେ, ଆମ ଉଦ୍ୟାନ କଣ ଭଙ୍ଗା ହେବ ? ଅରବିନ୍ଦ ବାବୁ ଗମ୍ଭୀର ଭାବେ ଉତ୍ତର ଦେଲେ, ଧୈର୍ଯ୍ୟ ଧର । ସବୁ ଠିକ୍ ହେବ । ସେ ପଦିକ କଥାରେ ସୀତାଦେବୀଙ୍କ ଦମ୍ଭଟା ବଢିଯାଇଥିଲା ।

ଗତ କାଲିର ଏତେ ଘଟଣା ପରେ ଚିରାଚରିତ ଭାବେ ପୁଅ ବୋହୂ ଅଫିସ ଚାଲିଗଲେ । ଅହଲ୍ୟାର ଏତେ ଅହଙ୍କାର ଯେ, ଗଲାବେଳେ ଶାଶୁ ଶ୍ୱଶୁରଙ୍କ ଆଡକୁ ବି ଅନାଇଲାନି । ସତ୍ୟ ମୁହଁରୁ କେବଳ ପଦେ ବାହାରିଲା, ମୁଁ ଆସୁଛି । ସ୍ୱାମୀ ସ୍ତ୍ରୀ ସେଦିନ ଦୁହେଁ ମିଶି ଖୁବ୍ ସୁନ୍ଦର ରୋଷେଇ କଲେ । ଗଛ ଗୁଡିକର ଡାଳ ପତ୍ର ବି କାଟିଲେ । ମନ ଭରି ପାଣି ଦେଲେ । ଖାଇ ସାରି ଦୁହେଁ ବିଶ୍ରାମ ବି ନେଲେ । ଏପଟେ ସତ୍ୟ ଓ ଅହଲ୍ୟା ଫେରିବା ସମୟ ଉପନୀତ ହୋଇଥିଲା । ସୀତା ଠାକୁରଙ୍କୁ ଧୂପ ଦେବାକୁ ଠାକୁର ଘରକୁ ଚାଲିଗଲେ । ସେତେବେଳକୁ ଘର ଆଗ ଦିବାଲରେ ଲେଖା ହୋଇସାରିଥିଲା, ଘର ଭଡ଼ା ଦିଆଯିବ । ପୁଅ ବୋହୂ ଲେଖାଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସତ୍ୟ ଓ ଅହଲ୍ୟା ତୀବ୍ର ଗତିରେ ବାପାଙ୍କ ନିକଟରେ ଉପସ୍ଥିତ ହେଲେ । ସତ୍ୟ ପ୍ରଶ୍ନ କଲା- ବାପା ଏ କଣ ? ସହଜରେ ତ ଏତେ ଛୋଟିଆ ଘର । ସେଥିରୁ କୋଉଟାକୁ ଭଡ଼ା ଦେବ । ଅରବିନ୍ଦ ଉତ୍ତର ଦେଲେ- ଯେଉଁ ଘରେ ତୁମେ ଦୁଇଜଣ ରହୁଛ । ଅହଲ୍ୟା ପାଦ ତଳର ମାଟିଟା ଯେମିତି ଦୋହଲିଗଲା । ଅରବିନ୍ଦ ବାବୁ କହିଲେ, ତୁମେ ଦୁଇଜଣ ଅନ୍ୟତ୍ର ରହିବ । ତୋ ମା' ଆଉ ମୁଁ ଏହି ଘରର ଯତ୍ନ ନେଇପାରିବୁ । ତୁମକୁ ଦୁଇ ମାସ ସମୟ ଦେଉଛି । ନିଜ ପାଇଁ ଘର ଖଣ୍ଡିଏ ଖୋଜିଦିଅ । ନହେଲେ ସତ୍ୟ, ତୋ ସ୍ତ୍ରୀର ଷ୍ଟାଫ୍ କ୍ୱାଟରକୁ ତୁ ଚାଲିଯାଇପାରୁ । ତୁ ପରା କହିଥିଲୁ, ମୁଁ ସମବୟସ୍କ ଖୋଜିବି । ତେଣୁ ସେଇ ଘରେ ମୋ ସାଙ୍ଗ ବିଜୟ ରହିବ । ତାର ଅବସର ଆଉ ଦୁଇମାସ ରହିଛି । ବିଚାରା ସତ୍ ବାଟରେ ଚାଲି ଚାଲି ଘର ଖଣ୍ଡିଏ ତ କରିନାହିଁ । ପୁଅକୁ ଆମେରିକା ପାଠ ପଢେଇବାକୁ ପଠାଇଲା । ମଣିଷ ବି କଲା । ହେଲେ କଣ ହେବ ? ଗୋଟିଏ ପୁଅ ଚାକିରି କଲା ପରେ ସେ ବାପା ମା'ଙ୍କ ପାଖକୁ ଆଉ ଫେରିଲା ନାହିଁ । ମୁଁ ଭାବୁଛି ତା ପାଇଁ ମୋ ଘର ଠାରୁ ସୁରକ୍ଷିତ ଜାଗା ଆଉ କିଛି ନଥାଇପାରେ । ସତ୍ୟ ତୋ ପରି ମୋତେ ଖୁବ୍ ବାସ୍ତବବାଦୀ ହେବାକୁ ପଡିବରେ । ତୋ ମା'ର ଭାବପ୍ରବଣତା ନିକଟରେ ତୁମ ବାସ୍ତବବାଦୀ ଚିନ୍ତାଧାରାଟା ଖୁବ୍ ଉଚ୍ଚରେ । ତୁମ ଦୁଇଜଣଙ୍କୁ ଦେଖିକି ଯଦି ଆମେ ଦୁଇଜଣ ଖୁସି ହୋଇପାରୁଛୁ, ତୁମ ବାପା ମା'ଙ୍କ ଭଲପାଇବାକୁ ଦେଖି ଏତେ ଦୁଃଖୀ କାହିଁକି ? ଆଚ୍ଛା ଅହଲ୍ୟା, ଏ ମନୋଭାବର କାରଣଟା କଣ ମୋତେ କହିପାରିବୁ ? ତୁ ବି ଦିନେ ମା' ହେବୁ । ମା'ର ଅନ୍ତଃବେଦନା ସେଇଦିନ ହିଁ ବୁଝିବୁ । ତୁମେ ଦୁଇଜଣ ମନେରଖ, ଏ ଘର, ଉଦ୍ୟାନ ସବୁକିଛି କେବଳ ସୀତାର । ତାପାଖରୁ ଏସବୁକୁ ଛଡାଇ ନେବାର ଅଧିକାର ତୁମକୁ କିଏଦେଲା । ମୋ ବଞ୍ଚିଥିବା ପର୍ଯ୍ୟନ୍ତ ଏହା ସମ୍ଭବ ନୁହେଁ ।

ସତ୍ୟର ପାଟି ପୁରା ଖନି ବାଜିଗଲା । ବାପାଙ୍କର ଏପରି ରୂପ ସେ କେବେ ଦେଖିନଥିଲା । ମା' ପାଇଁ ଯେ ବାପା ଏପରି ଗୋଟିଏ ବଡ ବୃକ୍ଷ ହୋଇ ଠିଆହେବେ, ତାହା ତା ବିଶ୍ୱାସର ବାହାରେ ଥିଲା । ବାରମ୍ବାର ବାପା କହୁଥିଲେ, ଆମ ପ୍ରତି ଏପରି ବ୍ୟବହାର କରିବାର ଅଧିକାର ତୁମକୁ କିଏ ଦେଲା ? ବାପା ମା' ଯଦି ସାଥୀ ହୋଇ ଖାଇଲେ, ବୁଲିଲେ, ଦୋଳିରେ ଝୁଲିଲେ, ସେଥିରେ ତୁମକୁ ଖରାପ ଲାଗୁଛି କାହିଁକି ? ତୁମକୁ ତ ଏଥିରୁ କିଛି ଲଜ୍ୟା ବୋଧ ହେଲା ଭଳି ଦେଖାଯାଉନି । ଚାକିରି ଜୀବନର ପଇଁତିରିଶ ବର୍ଷ ମୁଁ ସୀତାକୁ ଆଦୌ ସମୟ ଦେଇପାରିନି । ଏଇ ତ ସାଥୀ ହୋଇ ଆମେ ଦିଜଣ ଜୀବନ ବଞ୍ଚିବା ଆରମ୍ଭ କରିଛୁ । କିନ୍ତୁ ତୁମେ ପୁଅ ବୋହୂଙ୍କୁ ଏତିକି କହି ଅରବିନ୍ଦ ଧପ୍ କରି ତଳେ ବସିପଡିଲେ । ସତ୍ୟ ଏଥର ବାପାଙ୍କ ପାଦ ଧରି କ୍ଷମା ଭିକ୍ଷା କଲା । ସନ୍ଧ୍ୟା ଦେଇ ସୀତା ଘର ଭିତରକୁ ଆସି ଗୋଟିଏ ଦୃଷ୍ଟିରେ ଅରବିନ୍ଦ ବାବୁଙ୍କୁ ଚାହିଁ ରହିଥିଲେ । ଏପଟେ ପୁଅକୁ ବି ଛାତି ଭିତରେ କୋଳେଇ ନେଲେ । ବୋହୂ ଅହଲ୍ୟା ସେଦିନ ପାଷାଣି ପରି ଦଣ୍ଡାୟମାନ ଥିଲା । ବାରମ୍ବାର କୋହ ଭରା କଣ୍ଠରେ ବାପା ମା'ଙ୍କୁ ସତ୍ୟ ଭୁଲ୍ ମାଗିଚାଲିଥିଲା । ମା' ତାକୁ କୋଳରେ ଚାପି ଧରି କହୁଥିଲେ- ଆରେ ପାଗଳା, ଏ ଘର, ଏ ଉଦ୍ୟାନ ସବୁପା ତୋର । ଏ ଉଦ୍ୟାନର ସଜଫୁଟା ଫୁଲ କେବଳ ତୁରେ ସତ୍ୟ । ତୋ ବିନା କଣ ଆମେ ବଞ୍ଚିବା ସମ୍ଭବ । ହେଲେ ତୁ ଅବାଟକୁ ଚାଲିଯିବୁ ଆମେ କେମିତି ସେ କଥାକୁ ଗ୍ରହଣ କରିନେବୁ । କାଲି ପରା ତୁ ବାପା ହେବୁ । ତୋ ପିଲା ତୋଠାରୁ କଣ ଶିଖିବେ । ଅହଲ୍ୟାଟାର ସିନା ବୁଦ୍ଧି ନାହିଁ । ହେଲେ ଯେବେ ମା' ହେବ, ସବୁ ବୁଝିଯିବରେ । ମା' ପରା ସାଗର ପରି ପରିବ୍ୟାପ୍ତ । ଅଥଳ ସମୁଦ୍ର ଭିତରୁ ବି ତା ପିଲାଙ୍କୁ ସେ ଖୋଜି ଆଣିପାରେ । ମା' ପ୍ରତି କରିଥିବା ଅବିଚାର ପାଇଁ ସତ୍ୟର ହୃଦୟ ଭିତରଟା ବିଦାରିତ ହେଉଥିଲା । ଉଦ୍ୟାନର ଫଳ, ଫୁଲ, ପରିବା ସବୁ ଯେମିତି ହସି ଉଠିଥିଲେ । ଅହଲ୍ୟାଟା ଶେଷରେ ମା'କୁ ଜାବୋଡି ଧରିଥିଲା ।

*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

## ମୃତ୍ୟୁମାନଙ୍କର ଦେଶ

*ଡ. ଅନିଲ ନନ୍ଦ*

ଧନସମ୍ପଦରେ ପରିପୂର୍ଣ୍ଣ
ଏଇ ଇଲାକାରେ ମୋର କିଛି ନାହିଁ,
ଅଛି ମୃତ୍ୟୁମାନଙ୍କର ସର୍ବସ୍ୱ
ସେଇମାନେ ହିଁ ଅଧିକାର କରି
ଗଢ଼ି ସାରିଛନ୍ତି ଏ ସାମ୍ରାଜ୍ୟ ।

ଯେଉଁ ସ୍ୱପ୍ନଯାକ ପଶି ଆସିଥିଲେ
ରାତିର ଅନ୍ଧାରରେ ଘର ଭିତରକୁ
କବଳିତ କରୁଥିଲେ ତନୁମନ
ବୁଲେଇ ଆଣିଥିଲେ କାଉଁରୀ ରାଜ୍ୟ
ସେମାନେ ସବୁ ଶ୍ୱାସରୁଦ୍ଧ ହୋଇ
ସକାଳ ହେବାର ଅଳ୍ପ କ୍ଷଣପରେ
ମରି ଶୋଇଗଲେ ମାଟିରେ ।

ହଁ, ସକାଳର କଅଁଳ ଖରା କାଳେ
ଫୁଟାଇଥିଲା ଦି'ଚାରିଟା ଫୁଲ
ମର୍ନିଙ୍ଗ ୱାକ୍ କରୁଥିବା
ପାର୍କ ଠାରୁ କିଛି ଦୂର ରାସ୍ତା କଡ଼ରେ
ମଧ୍ୟାହ୍ନରେ ମୃତ୍ୟୁକୁ ଆମନ୍ତ୍ରଣ କରି ।

କିଛି ବିଶ୍ୱାସ ଅନ୍ଧ ଭାବରେ
ବସି ରହିଥିଲେ ତଥାପି
ଛାଡ଼ି ନପାରି ଭିଟାମାଟି ମାୟା
ମୃତ୍ୟୁ କଣ ଜାଣିନଥିଲେ ବୋଲି
ମୃତ୍ୟକୁ ଅପେକ୍ଷା କରି ।

ଅତି ସହଜରେ ଇଚ୍ଛାମୃତ୍ୟୁକୁ
ଆଲିଙ୍ଗନ କରୁଥିବା ବିବେକମାନେ
ପୁନର୍ଜନ୍ମ ପାଇ ପୁଣି ଟଳି ପଡୁଥିଲେ
ଗୋଟେ ଗୋଟେ ଦୋଛକି ଉପରେ ।

ମୃତ୍ୟୁର ପରବାୟ ନାହିଁ
ଗଢ଼ି ଚାଲିଛି କଙ୍କାଳ ଉପରେ
ଗୋଟେ ଗୋଟେ ପାହାଡ
ଜୀର୍ଣ୍ଣଶୀର୍ଣ୍ଣ ନିଃଶ୍ୱାସମାନଙ୍କର
ସାରିଦେଇ ଅନ୍ତିମ ସତ୍କାର
ଯେହେତୁ ମୃତ୍ୟୁକୁ ଜଣାଅଛି
ଏ ରାଜ୍ୟ ତାହାର ।

ଏତେବର୍ଷ ମୃତ୍ୟୁ ରାଜ୍ୟରେ
ଘରଦ୍ୱାର କରି ରହିଯିବା ପରେ
ମୃତ୍ୟୁର ଶରଣାର୍ଥୀ ହୋଇ ସୁଦ୍ଧା
ଲଢ଼ିବାକୁ ପଡୁଛି ମୃତ୍ୟୁ ସଙ୍ଗେ
ପ୍ରତିଦିନ ବାରମ୍ବାର ।
ଏ ଦେଶ ମୋର ନୁହେଁ, ମୃତ୍ୟୁର
ମୋର୍ ଯାହା ଉପାର୍ଜନ
ମୋର୍ ଯାହା ମିତବ୍ୟୟ, ସଞ୍ଚୟ
ସେ ସବୁ ମୃତ୍ୟୁର ।

*କ୍ୟାମ୍ପସ୍-୯, କିଟ୍, ଭୁବନେଶ୍ୱର*
*ମୋ- ୯୯୩୭୮୪୩୩୬୮*

## ଶ୍ରାବଣୀ

*ମନୋଜ କୁମାର ମେହେର*

ଶ୍ରାବଣୀ ଗୋ ତୁମେ ଢଳି ଢଳି ଆସି
ଢାଳି ଦେଇଯାଅ ନୀର,
ତୁମରି ପରଶେ ଧରଣୀ ଶରୀର
ଦିଶୁ ସବୁଜ ସୁନ୍ଦର ।।
ବିଜୁଳି ସାଙ୍ଗରେ ଘୁଡୁ ଘୁଡୁ ଶବ୍ଦେ
କଳାହାଣ୍ଡିଆ ବଉଦ,
ପୁରି ଯାଉ ଯେତେ ନଈ ଆଉ ନାଳ
କରୁ କୁଳୁକୁଳୁ ନାଦ ।।
ସବୁଜ ପାଟରେ ସୁନ୍ଦର ବସୁଧା
ଲାଗେ ନୂଆ ବହୁ ସତେ,
ନାନା ଜାତି ପୁଷ୍ପ ସଜାଇ ତା ଗଭା
ବଢାନ୍ତି ସୌନ୍ଦର୍ଯ୍ୟ କେତେ ।।
ଅଷ୍ଟ ମାସ ପରେ ମୁକୁଳା ଧରଣୀ
ପାଇ ନୂତନ ଯୌବନ,
ପ୍ରକୃତିର ଏହି ମନଲୋଭା ଦୃଶ୍ୟ
କିଣି ନିଏ ତନୁମନ ।।



*ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି*
*ମୋ- ୯୩୩୭୭୯୩୧୫୭*

32 YEARS

ଭୁବନେଶ୍ୱର,୮ ଅଗଷ୍ଟ, ଶନିବାର,୨୦୨୬

ପୃଷ୍ଠା – ୬

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମିଳିଲା ନୂଆ ଆଇପିଏଲ୍ ଟିମ୍ : କେକେଆରର ହେବେ ଅଧିନାୟକ



**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଏକ ବଡ଼ ଖବର ଆସୁଛି । ନା ଚେନ୍ନାଇ ନା ମୁମ୍ବାଇ। ନୂଆ ଦଳରେ ଯୋଗ ଦେଲେ ଅଲରାଉଣ୍ଡର ପାଣ୍ଡ୍ୟା। ରିପୋର୍ଟ ଅନୁସାରେ ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୭ ଆଇପିଏଲରେ କୋଲକତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜରେ ଯୋଗ ଦେବେ। ଖାଲି ପ୍ଲେୟାର ନୁହେଁ ଅଧିନାୟତ୍ୱ କରିବେ ପାଣ୍ଡ୍ୟା।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ହାର୍ଦ୍ଦିକ ପାଣ୍ଡ୍ୟା କେବଳ କୋଲକାତା ନାଇଟ୍ ରାଇଡର୍ସରେ ଯୋଗଦେବେ ନାହିଁ ବରଂ ଅଧିନାୟକ ମଧ୍ୟ ହେବେ। କୋଲକାତା ଏମିତି ଏକ ଲିଡର ଖୋଜୁଛି । କୋଲକାତାର ଅଧିନାୟକତ୍ୱ କରିଥିବା ଅଜିଙ୍କ୍ୟ ରାହାଣେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି । ତେଣୁ କେକେଆରକୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ବାଜି ଲଗାଇବାକୁ ପଡ଼ିଲା। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ କୋଲକାତା ନାଇଟ୍ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ କ'ଣ ଡିଲ୍ ହୋଇଛି ତାହା ଜଣାପଡ଼ିନାହିଁ । କିନ୍ତୁ ଚେନ୍ନାଇ ସୁପରକିଙ୍ଗ୍ସ ଏବଂ ରାଜସ୍ଥାନ ରୟାଲ୍ସ ଫ୍ୟାନ୍ସ ଏହି ଖବରରୁ ନିଶା ହେବେ କାରଣ ଏହି ଦୁଇ ଦଳ ହାର୍ଦ୍ଦିକଙ୍କୁ କିଣିବାକୁ ଚାହୁଁଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୧୬୨ଟି ଆଇପିଏଲ୍ ମ୍ୟାଚ୍‌ରେ ୨୭ରୁ ଅଧିକ ହାରରେ ୨୯୫୫ ରନ୍ କରିଛନ୍ତି । ତାଙ୍କ ନାମରେ ୮୨ଟି ଓ୍ୱିକେଟ୍ ମଧ୍ୟ ଅଛି । ସେ ଗୁଜରାଟ ଟାଇଟାନ୍ସକୁ ଆଇପିଏଲ୍ ବିଜୟୀ କରାଇଥିଲେ। ଏହା ପରେ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନେତୃତ୍ୱ ମିଳିଥିଲା। କିନ୍ତୁ କିଛି ସିଜିନରେ ହେବ ଦଳର ପ୍ରଦର୍ଶନ ନିରାଶାଜନକ ରହିଛି ।

ଟିମ୍ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗାମୀ ଆଇପିଏଲ ସିଜିନରେ କେଉଁ ଦଳରୁ ଖେଳିବେ। କେବେ ଚେନ୍ନାଇରେ ଯୋଗଦେବେ କୁହାଯାଉଛି ତ ପୁଣି କେବେ କୋଲକାତାକୁ ଯିବେ ବୋଲି ଦାବି କରାଯାଉଛି । କିନ୍ତୁ ଏଯାବତ୍ ମୁମ୍ବାଇ ଛାଡ଼ି ନାହାନ୍ତି ପାଣ୍ଡ୍ୟା। ତଥାପି ତାଙ୍କୁ ନେଇ ବାଣିଜ୍ୟିକ ଚୁକ୍ତି କରାଯିବ ବୋଲି ଦୀର୍ଘଦିନ ଧରି ଚର୍ଚ୍ଚା ଲାଗିଛି । ସିଏସକେ ତାଙ୍କୁ ନେବ ବୋଲି କୁହାଯାଉଥିବା ବେଳେ ଏହାକୁ ପୂର୍ବରୁ ମନା କରିଦେଇଛି ଫ୍ରାଞ୍ଚାଇଜ୍। ଏବେ ମୁମ୍ବାଇ ପକ୍ଷରୁ କୁହାଯାଇଛି କି, ପାଣ୍ଡ୍ୟାଙ୍କୁ ନେଇ କୌଣସି ଟ୍ରେଡ୍ ଡିଲର ଯୋଜନା ନାହିଁ । ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମୁମ୍ବାଇ ଇଣ୍ଡିଆନ୍ସ ଫ୍ରାଞ୍ଚାଇଜି ସ୍ପଷ୍ଟ କରିଥିଲା ଯେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସିଏସକେ କିମ୍ବା ଅନ୍ୟ କୌଣସି ଦଳକୁ ଟ୍ରେଡ୍ କରିବାର କୌଣସି ଯୋଜନା ନାହିଁ । ଏହିସବୁ ଖବର ସମ୍ପୂର୍ଣ୍ଣ ଆଧାରହୀନ ଏବଂ କେବଳ ଗୁଜବ। ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଜଣେ ପ୍ରମୁଖ ଖେଳାଳି ଏବଂ ସେ ଦଳ ସହ ହିଁ ରହିବେ। କିନ୍ତୁ ଏବେ ଖବର ଆସୁଛି କି, ଅଜିଙ୍କ୍ୟ ରାହାଣେ ଅବସର ଘୋଷଣା କରିବା ପରେ ତାଙ୍କର ସ୍ଥାନରୁ ହୁଏତ ହାର୍ଦ୍ଦିକ ପାଣ୍ଡ୍ୟା କୋଲକାତା ନାଇଟ୍ ଟାଇଡର୍ସର ନେତୃତ୍ୱ ନେଇପାରନ୍ତି ।

## ଏସିଆ କପ୍ କ୍ରୀଡ଼ାସୂଚୀ ଘୋଷଣା

# ଭାରତ-ପାକିସ୍ତାନ ମଧ୍ୟରେ ପୁଣି ହେବ କ୍ରିକେଟ୍ ମୁକାବିଲା




**ନୂଆଦିଲ୍ଲୀ**

ଏସୀୟ କ୍ରିକେଟ୍ କାଉନସିଲ ପକ୍ଷରୁ ମହିଳା ଏସିଆ କପ୍ ପାଇଁ କ୍ରୀଡ଼ାସୂଚୀ ଓ ଭେନ୍ୟୁ ଘୋଷଣା କରାଯାଇଛି । ଚଳିତ ମାସ ୨୮ ତାରିଖରୁ ଏସିଆ କପ୍ ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ସେପ୍ଟେମ୍ବର ମାସ ୫ ତାରିଖରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମୁକାବିଲା ଖେଳାଯିବ। ସେପ୍ଟେମ୍ବର ୧୩ ତାରିଖରେ ଫାଇନାଲ୍ ଅନୁଷ୍ଠିତ ହେବ। ଏସିଆର ୮ଟି ଦଳକୁ ନେଇ ଏସିଆ କପ୍ ଖେଳାଯିବ। ସମସ୍ତ ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିଛନ୍ତି । ଭାରତ, ପାକିସ୍ତାନ, ଚୀନ୍ ଓ ଥାଇଲାଣ୍ଡ ଗ୍ରୁପ୍ ଏ'ରେ ସ୍ଥାନ ପାଇଛନ୍ତି । ସେହିପରି ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ୟୁଏଇ ଗ୍ରୁପ୍ ବି'ରେ ରହିଛନ୍ତି ।

ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିବେ। ସେପ୍ଟେମ୍ବର ୧୦ ଓ ୧୧ ତାରିଖରେ ସେମି ଫାଇନାଲ୍ ଆୟୋଜିତ ହେବ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡ଼ିୟମ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ। ଭାରତୀୟ ସମୟ ଅନୁଯାୟୀ ଅପରାହ୍ଣ ୬.୩୦ରେ ମ୍ୟାଚ୍ ଆରମ୍ଭ ହେବ। ସୂଚନାଯୋଗ୍ୟ ଶ୍ରୀଲଙ୍କା ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟୁର୍ଣ୍ଣାମେଣ୍ଟକୁ ଓହ୍ଲାଇବ। ପୂର୍ବରୁ ୨୦୧୮ରେ ବାଂଲାଦେଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଭାରତ ସର୍ବାଧିକ ୩ଥର (୨୦୧୨, ୨୦୧୬ ଓ ୨୦୨୨) ଏସିଆ କପ୍ ଚାମ୍ପିଅନ୍ ହୋଇଛି । ପାରମ୍ପରିକ ପ୍ରତିଦ୍ୱନ୍ଦୀ ଭାରତ ବନାମ ପାକିସ୍ତାନ ସେପ୍ଟେମ୍ବର ୫ରେ ମୁହାଁମୁହିଁ ହେବେ।

ଏସିଆ କପ୍ ସିଡ୍ୟୁଲ ଜାରି ହୋଇସାରିଛି । ଖୁବ୍‌ଶୀଘ୍ର ଭାରତୀୟ ଦଳ ବି ଘୋଷଣା ହେବ। ଆଶା କରାଯାଉଛି କି, ଭାରତୀୟ ଟିମ୍‌ର କମାଣ ହର୍ମନପ୍ରୀତ କୌରଙ୍କ ହାତରେ ରହିବ। ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ର ବି ସେ ନେତୃତ୍ୱ ନେଇଥିଲେ। ପାକିସ୍ତାନ ବିପକ୍ଷରେ ବିଜୟ ହାସଲ କରିଥିଲା ଭାରତ। ସେପ୍ଟେମ୍ବର ୧୭ରୁ ୨୪ ଯାଏ ଜାପାନରେ ଏସିଆ ଗେମ୍ସ ଆୟୋଜନ ହେବ। ଅର୍ଥାତ ଏସି କପ୍ ସରୁ ସରୁ ଏସିଆ ଗେମ୍ସ ଆରମ୍ଭ ହୋଇଯିବ। ଟିମ୍ ଇଣ୍ଡିଆ ଏକଦମ୍ ପ୍ୟାକ୍ ରହିବ। ଏସିଆ କପ୍‌ରେ ଭାରତ ଅଗଷ୍ଟ ୩୦ରେ ଥାଇଲାଣ୍ଡ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୩ରେ ହଂକଂ ବିପକ୍ଷରେ ଖେଳିବ।

ଦକ୍ଷିଣ ଆଫ୍ରିକାରେ ଟେଷ୍ଟଖେଳିବ ଭାରତୀୟ ମହିଳା ଦଳ-ଭାରତୀୟ ମହିଳା କ୍ରିକେଟ୍ ଦଳ ଆସନ୍ତା ଡିସେମ୍ବର ମାସରେ ଦକ୍ଷିଣ ଆଫ୍ରିକା ଗସ୍ତ କରି ଟେଷ୍ଟ ମ୍ୟାଚ୍ ଖେଳିବ। ଅବଶ୍ୟ ବହୁ ପୂର୍ବରୁ ଏହି ଗସ୍ତ କାର୍ଯ୍ୟକ୍ରମ ଘୋଷଣା ହୋଇଥିଲା। ବର୍ତ୍ତମାନ ଏଥିରେ ଏକ ଟି-ଟ୍ୱେଣ୍ଟି ସିରିଜ୍ ସାମିଲ କରାଯାଇଛି । ପରିବର୍ତ୍ତିତ କ୍ରୀଡ଼ାସୂଚୀ ଅନୁଯାୟୀ, ଡିସେମ୍ବର ୯ରୁ ୧୨ ତାରିଖ ମଧ୍ୟରେଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ଟି-ଟ୍ୱେଣ୍ଟି ସିରିଜ୍ ଅନୁଷ୍ଠିତ ହେବ। ଆସନ୍ତା ବର୍ଷ ଫେବୃଆରୀ ମାସରେ ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫି ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ କରି ଆୟୋଜିତ ହେବାକୁ ଯାଉଥିବା ଚାମ୍ପିଅନ୍ସ ଟ୍ରଫିକୁ ନଜରରେ ରଖି ଦକ୍ଷିଣ ଆଫ୍ରିକା ଗସ୍ତ କାର୍ଯ୍ୟକ୍ରମରେ ଟି-ଟ୍ୱେଣ୍ଟି ସିରିଜ୍‌କୁ ସାମିଲ କରାଯାଇଛି ।

# ଷଷ୍ଠ ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନସିପ୍-୨୦୨୬ ଉଦ୍‌ଘାଟିତ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ବ୍ୟାଡ୍‌ମିଣ୍ଟନ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ମଙ୍ଗଳ ବଜାରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ '୬ଷ୍ଠ ଝାରସୁଗୁଡ଼ା ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନସିପ୍-୨୦୨୬' ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ଏହି ଆଞ୍ଚଳିକ କ୍ରୀଡ଼ା ମହୋତ୍ସବର ଉଦଘାଟନୀ ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ ଦିନିଆ ଚାମ୍ପିୟନସିପ୍‌ରେ ୯ ବର୍ଷରୁ କମ୍ (ୟୁ-୯) ବୟସ୍କ ଶିଶୁଙ୍କଠାରୁ ଆରମ୍ଭ କରି ୬୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗୀମାନେ ଭାଗ ନେଇଛନ୍ତି । ଚଳିତ ବର୍ଷ ମୋଟ ୨୨ଟି ଭିନ୍ନ ଭିନ୍ନ ଇଭେଣ୍ଟରେ ୩୫୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି । ଅଗଷ୍ଟ ୯ ତାରିଖରେ ଏହି ଚାମ୍ପିୟନସିପ୍‌ର ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ୭୨ତମ ରାଜ୍ୟସ୍ତରୀୟ ଜୁନିୟର ଆଥଲେଟିକ ମିଟ୍ : ଭଦ୍ରକରୁ ଅଂଶଗ୍ରହଣ କଲା ୧୬ ଜଣିଆ ଟିମ୍

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଠାରୁ ୯ ତାରିଖ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ୭୨ତମ ରାଜ୍ୟ ସ୍ତରୀୟ ଜୁନିୟର ଆଥଲେଟିକ ମିଟ୍ ଅନୁଷ୍ଠିତ ହେଉଛି । ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାରୁ ଏକ ୧୬ ଜଣିଆ ଦଳ ଅଂଶଗ୍ରହଣ କରିଛନ୍ତି । ଏହି ଖେଳାଳିମାନଙ୍କର ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଗତ ଜୁଲାଇ ୨୬ ତାରିଖରେ ଭଦ୍ରକ କଲେଜ ପଡିଆ ଠାରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ଡିଷ୍ଟ୍ରିକ୍ଟ ଆଥେଲେଟିକ୍ ଆସୋସିଏସନ୍‌ର ସଂପାଦକ ଧୀରେନ ପଲାଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ୨୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣ ପ୍ରତିଯୋଗୀ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟସ୍ତରୀୟ ମିଟ୍‌ରେ ଅଂଶଗ୍ରହଣ କରିବା ପାଇଁ ଚୟନ କରାଯାଇଥିଲା। ତେବେ ଏହି ପ୍ରତିଯୋଗୀ ଦଳ ରାଇରଙ୍ଗପୁର ଯିବା ପୂର୍ବରୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସେମାନଙ୍କୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଅଭିନନ୍ଦନ ଜଣାଇ ଖେଳାଳିଙ୍କର ସଫଳତା କାମନା କରିଥିଲେ। ଜିଲ୍ଲାପାଳଙ୍କୁ ସାକ୍ଷାତ୍ ସମୟରେ କ୍ରୀଡ଼ା ଅଧିକାରୀ ତଥା ଡେପୁଟି କଲେକ୍ଟର ଦେବଦତ୍ତ ମହାପାତ୍ର, ଆଇନଜୀବୀ ଯତିକାନ୍ତ ନାୟକ, ଓଏସ୍‌ଡି ରମେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ ବର୍ଷ ବୟସରେ କ୍ରିକେଟରୁ ଅବସର ନେଲେ ବୋଲର ଜନ୍ ଟର୍ନର




**ନୂଆଦିଲ୍ଲୀ**

୨୦୨୪ରେ ପଦାର୍ପଣ। ମାତ୍ର ୪ଟି ମ୍ୟାଚ୍‌ରେ ସରିଗଲା କ୍ୟାରିୟର। ଜଣେ ୨୫ ବର୍ଷୀୟ ଅନ୍ତର୍ଜାତୀୟ କ୍ରିକେଟର, ଯିଏ ମାତ୍ର ଦୁଇ ବର୍ଷ ପୂର୍ବେ ଅର୍ଥାତ ୨୦୨୪ ମସିହାରେ ଡେବ୍ୟୁ କରିଥିଲେ, ସେ ତାଙ୍କର ଅବସର ଘୋଷଣା କରିଛନ୍ତି । ଏହା କ୍ରିକେଟ ପ୍ରେମୀଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଖବର। ଖେଳାଳିମାନେ ପ୍ରାୟତଃ ଏହି ବୟସରେ ଡେବ୍ୟୁ କରନ୍ତି, କିନ୍ତୁ ଏଠାରେ ସେ ଅବସର ନେଇଛନ୍ତି । ଇଂଲଣ୍ଡର ଦ୍ରୁତ ବୋଲର ଜନ୍ ଟର୍ନର ମାତ୍ର ୨୫ ବର୍ଷ ବୟସରେ କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି ଏହି ଷ୍ଟାର ପ୍ଲେୟାର।

ଇଂଲଣ୍ଡ ପାଇଁ ହ୍ୱାଇଟ୍ ବଲ୍ କ୍ରିକେଟ୍ ଖେଳିଥିବା ଟର୍ନର ଆଘାତ ଯୋଗୁଁ ଏହି ନିଷ୍ପତ୍ତି ନେଇଛନ୍ତି । ତାଙ୍କ ଘରୋଇ ଦଳ ହାମ୍ପଶାୟାର ଏକ ବିବୃତ୍ତି ଜାରି କରି ଇଂଲଣ୍ଡ ଖେଳାଳିଙ୍କ ଅବସର ଘୋଷଣା କରିଛି । ପୋଷ୍ଟରେ ଲେଖାଅଛି, 'ଦ୍ରୁତ ବୋଲର ଜନ୍ ଟର୍ନର କ୍ରିକେଟରୁ ସନ୍ନ୍ୟାସ ନେଇଛନ୍ତି ।' ଜନ୍ ୨୦୨୪ ମସିହାରେ ଇଂଲଣ୍ଡ ପାଇଁ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୨ଟି ଦିନିକିଆ ୨ଟି ଟି-ଟ୍ୱେଣ୍ଟି ଖେଳିଥିଲେ। ସେ ଦିନିକିଆ ଏବଂ ଗୋଟିଏ ଟି-ଟ୍ୱେଣ୍ଟିରେ ଦୁଇଟି ଓ୍ୱିକେଟ୍ ନେଇଥିଲେ, ଏବଂ ଟି-ଟ୍ୱେଣ୍ଟିରେ ଗୋଟିଏ ଓ୍ୱିକେଟ୍ ନେଇଥିଲେ।

ଆଘାତଜନିତ ଅବସର ହାମ୍ପଶାୟାରର ଏକ ରିଲିଜରେ ଉଦ୍ଧୃତ କରି ଜନ୍ ଟର୍ନର କହିଛନ୍ତି, 'ପେସାଦାର ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବା ସର୍ବଦା ମୋର ଏକ ସ୍ୱପ୍ନ ଥିଲା, ଏବଂ ଇଂଲଣ୍ଡ ଏବଂ ହାମ୍ପଶାୟାର ପାଇଁ ଏହା କରିବା ପିଲାଦିନର ସ୍ୱପ୍ନଠାରୁ କମ୍ ନୁହେଁ। ମୁଁ ଖେଳରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି, ଏବଂ ଆପଣ କଳ୍ପନା କରିପାରିବେ, ଏହା ମୋତେ ନେବାକୁ ପଡ଼ିଥିବା ସବୁଠାରୁ କଷ୍ଟକର ନିଷ୍ପତ୍ତି ମଧ୍ୟରୁ ଗୋଟିଏ। ଜଣେ କ୍ରିକେଟର ଭାବରେ ଏବଂ ତା'ପରେ ମୋର ଭବିଷ୍ୟତ ବିଷୟରେ ପ୍ରତିଫଳିତ କରିଛି ।' ଏହା ପରେ, ମୁଁ ନିଷ୍ପତ୍ତି ନେଇଥିଲି ଯେ ମୋର ପରବର୍ତ୍ତୀ ଚ୍ୟାଲେଞ୍ଜକୁ ଯିବାର ସମୟ ଆସିଛି ।'

ଜନ୍ ହ୍ୟାମ୍ପଶାୟାର ପାଇଁ ସମସ୍ତ ଫର୍ମାଟରେ ୫୩ଟି ମ୍ୟାଚ୍ ଖେଳିଥିଲେ, ବଲ୍ ସହିତ ୯୭ଟି ଓ୍ୱିକେଟ ନେଇଥିଲେ। ସେ ଶେଷ ଥର ପାଇଁ ଜୁନ୍ ୨୦୨୫ରେ ହାମ୍ପଶାୟାର ପାଇଁ ଖେଳିଥିଲେ। ସେବେଠାରୁ ଷ୍ଟ୍ରେସ୍ ଫ୍ରାକଚର ଯୋଗୁଁ ସେଠାରୁ ବାହାର ଅଛନ୍ତି ।

# ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଓଡ଼ିଆ ଖେଳାଳିଙ୍କ ବିଫଳତାର କାରଣ କହିଲେ ଦୂତୀ ଓ ବିଭାସ

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡିୟମରେ ଏତେ ଉଚ୍ଚକୋଟୀର ପ୍ରଶିକ୍ଷଣ ଥିବା ସତ୍ତ୍ୱେ କାହିଁକି ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସଫଳତା ପାଉନାହାନ୍ତି ଓଡ଼ିଆ ଖେଳାଳି ? ରାଜ୍ୟରେ ଏତେ ବଡ଼ ଭିତ୍ତିଭୂମି ଥାଇ କ'ଣ ଅଭାବ ରହୁଛି ? ଏସବୁକୁ ନେଇ ଏବେ ପ୍ରଶ୍ନ ଉଠିଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ ସ୍କଟଲାଣ୍ଡର ଗ୍ଲାସ୍‌ଗୋ ଠାରେ ଶେଷ ହୋଇଛି । ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୨ ତାରିଖରେ ସମାପ୍ତ ହୋଇଛି, ଏହି କ୍ରୀଡ଼ା ମହାକୁମ୍ଭ। ଏଥିରେ ପାଖାପାଖି ୭୪ଟି ଦେଶରୁ ୩ ହଜାର ଖେଳାଳି ଭାଗ ନେଇଥିଲେ। ଭାରତକୁ ଏଥିରେ ଭଲ ସଫଳତା ମିଳିଛି । ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ କାନାଡ଼ାକୁ ପଛରେ ପକାଇ ଚତୁର୍ଥ ସ୍ଥାନରେ ରହିଛି ଭାରତ। ମୋଟ୍ ୩୯ଟି ମେଡାଲ ଭାରତୀୟ ଖେଳାଳି ହାସଲ କରିଛନ୍ତି । ସେଥିମଧ୍ୟରୁ ୧୩ଟି ଗୋଲ୍ଡ, ୧୭ଟି ସିଲଭର ଏବଂ ୯ଟି ବ୍ରୋଞ୍ଜ ପଦକ ରହିଛି ।

ଓଡ଼ିଶାରେ ପ୍ରଶିକ୍ଷଣ ନେଉଥିବା ୩ ଜିମ୍ନାଷ୍ଟ କମନୱେଲ୍ଥ ଗେମ୍ସ ପାଇଁ ଭାରତୀୟ ଦଳରେ ଚୟନ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଏମ/ଏନଏସ୍ ଇଣ୍ଡିଆ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ତିନି ଜଣ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ କମନୱେଲ୍ଥ ଗେମ୍ସ–୨୦୨୬ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସେମାନେ ହେଲେ- ତପନ ମହାନ୍ତି, ତପେଶ୍ୱରନାଥ ଦାସ ଏବଂ ଅଲିମ୍ପିଆନ୍ ପ୍ରଣତି ନାୟକ। ଏମାନଙ୍କ ବ୍ୟତୀତ ଆଥଲେଟିକ୍ସରେ ଆନିମେସ କୁଜୁର ମଧ୍ୟ ଭାଗ ନେଇଥିଲେ।

୨୦୨୩ ମସିହାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ସ୍ଥାପିତ ହୋଇଥିବା ଏହି ହାଇ ପରଫର୍ମାନ୍ସ ସେଣ୍ଟର ଅତ୍ୟାଧୁନିକ ସୁବିଧା, ବିଶେଷଜ୍ଞ କୋଚିଂ ଏବଂ କ୍ରୀଡ଼ା ବିଜ୍ଞାନର ସହାୟତାରେ ଜିମ୍ନାଷ୍ଟମାନଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରସ୍ତୁତି କରାଉଛି । ରାଜ୍ୟ ସରକାର ଓ କର୍ପୋରେଟ୍ ସହଯୋଗରେ




ଜିମ୍ନାଷ୍ଟିକ୍ସ କ୍ଷେତ୍ରରେ ନୂଆ ପରିଚୟ ଦେଇଛି ।

ତପନ ମହାନ୍ତି ଓ ତପେଶ୍ୱରନାଥ ଦାସ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଦଳରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ଅଲିମ୍ପିଆନ୍ ପ୍ରଣତି ନାୟକ ମହିଳା ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ଭାବେ ଚୟନିତ ହୋଇଥିଲେ। ଏହି ତିନି ଜଣ ଖେଳାଳିଙ୍କ ଚୟନ ହାଇ ପରଫର୍ମାନ୍ସ ସେଣ୍ଟରର ଉଚ୍ଚମାନର ପ୍ରଶିକ୍ଷଣ ଓ ସମର୍ପଣର ପ୍ରମାଣ। ଏହି କ୍ରୀଡ଼ାବିତ୍‌ମାନେ ପୂର୍ବରୁ ଲିସବନ୍ ଇଣ୍ଟରନ୍ୟାସନାଲ୍ କଣ୍ଟିନେଣ୍ଟାଲ୍ କପ୍, ଏଫଆଇଜି ଓ୍ୱାର୍ଲ୍ଡ କପ୍‌ରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ହେଲେ କଳିଙ୍ଗ ଷ୍ଟାଡିୟମରେ ଏତେ ଉଚ୍ଚକୋଟୀର ପ୍ରଶିକ୍ଷଣ ଥିବା ସତ୍ତ୍ୱେ କାହିଁକି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳତା ପାଉନାହାନ୍ତି ଓଡ଼ିଆ ଖେଳାଳି। ରାଜ୍ୟରେ ଏତେ ବଡ଼ ଭିତ୍ତିଭୂମି ଥାଇ କ'ଣ ଅଭାବ ରହୁଛି ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ଏନେଇ ପୂର୍ବତନ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍ ବିଭାସ ପରିଡ଼ା କହିଛନ୍ତି, 'ଓଡ଼ିଶା ସ୍ପୋର୍ଟ୍ସ ଏବେ ଭଡ଼ାରେ ଚାଲିଛି । ଯେ ପର୍ଯ୍ୟନ୍ତ ଭଡ଼ାରେ ଚାଲିଥିବ, ଓଡ଼ିଶାକୁ କିଛି ମେଡାଲ ଆସିବ ନାହିଁ । କାରଣ ଆଗରୁ ଓଡ଼ିଶାରେ ଭିତ୍ତିଭୂମି ନ ଥିଲା। ଖେଳାଳିମାନେ ଆଗକୁ ଯାଇପାରୁ ନଥିଲେ। ବର୍ତ୍ତମାନ ସେ ଅସୁବିଧା ନାହିଁ। ଓଡ଼ିଶାରେ କୋଚ୍‌ମାନଙ୍କର ଡେଭଲପମେଣ୍ଟ ପ୍ରୋଗ୍ରାମ କିଛି ନାହିଁ। ବଡ଼ କଥା ହେଉଛି, ଆଗରୁ ଯେଉଁଭଳି ପ୍ରଶିକ୍ଷଣ ଦିଆଯାଉଥିଲା ଏବେ ତାହା ନାହିଁ। ଭଡ଼ା ସାହାରାରେ ଓଡ଼ିଶା ସ୍ପୋର୍ଟ୍ସ। ମେଡାଲ ଆସିବ ବୋଲି କେମିତି ଆଶା କରାଯିବ। ସରକାର ସ୍ପୋର୍ଟ୍ସ ଡେଭଲପମେଣ୍ଟ ନାମରେ କିଛି ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ କରୁଛନ୍ତି କିନ୍ତୁ ଏହାର ବେସିକ୍ ପାଇଁ ଯେଉଁ ଫାଉଣ୍ଡେସନ ଦରକାର ସରକାର ତାକୁ ଚିନ୍ତା କରୁ ନାହାନ୍ତି । ଓଡ଼ିଶାର ଖେଳାଳି ଭଲ ରେଜଲ୍ଟ ଦେବା କାଠିକର ପାଠ କ୍ଷ ସରକାର ସେତିକି ସପୋର୍ଟ କରୁ ନାହାନ୍ତି ଖେଳାଳି ମାନଙ୍କୁ ।'

ସେହିପରି ଅଲିମ୍ପିଆନ୍ ଦୂତୀ ଚାନ୍ଦ କହିଛନ୍ତି, 'ଗ୍ଲାସ୍‌ଗୋ ଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଓଡ଼ିଶାରୁ ୪ ଜଣ ଭାଗ ନେଇଥିଲେ ସେଥିପାଇଁ ସେମାନଙ୍କୁ କୃତଜ୍ଞତା। ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। କୌଣସି ମେଡାଲ ଆଣିପାରି ନାହାନ୍ତି ସତ। ଖେଳରେ ହାର ଜିତ ଥାଏ। ଜିତିବାଠାରୁ ଭାଗ ନେବା ବଡ଼ କଥା। ସବୁଠାରୁ ବଡ଼ କଥା ଓଡ଼ିଶାରୁ ଅଧିକ ଖେଳାଳି ଭାଗ ନେବା କଥା କିନ୍ତୁ ତାହା ହୋଇ ପାରିଲା ନାହିଁ। ଦିନଥିଲା ଆନ୍ତର୍ଜାତିକ ଖେଳରେ ବହୁ ଓଡ଼ିଆ ଖେଳାଳି ଭାଗ ନେଉଥିଲେ। ତେଣୁ ଦୁଃଖର ବିଷୟ ଓଡ଼ିଶାର ଭିତ୍ତିଭୂମି ଥାଇ ବି ଖେଳାଳିମାନେ ଆନ୍ତର୍ଜାତିକ ସ୍ତରରେ ଭାଗ ନେଇପାରୁ ନାହାନ୍ତି । କାରଣ ସେମାନଙ୍କୁ ସୁଯୋଗ ମିଳୁନାହିଁ। ଅନେକ ଖେଳାଳି ଅଛନ୍ତି ସେମାନଙ୍କ ପାଖରେ ଦକ୍ଷତା ଅଛି କିନ୍ତୁ ସୁଯୋଗ ମିଳୁନାହିଁ। ହେଲେ ବାହାର ରାଜ୍ୟରୁ ଖେଳାଳିମାନଙ୍କୁ ଆଣି ଓଡ଼ିଶାରେ ରଖୁଛନ୍ତି । ସେମାନଙ୍କୁ ସୁଯୋଗ ମିଳୁଛି । ଓଡ଼ିଶା ଖେଳାଳିମାନଙ୍କୁ ଅନୁରୋଧ ନିଜକୁ ଏମିତି ଭାବେ ଗଢ଼ ଯେମିତି ଆନ୍ତର୍ଜାତିକ ସ୍ତରରେ ଭାଗ ନେଇ ପାରିବ।'

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ୪୪ ପ୍ରତିଯୋଗୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ରାଇରଙ୍ଗପୁର ଠାରେ ଅନୁଷ୍ଠିତ ୭୨ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ମୟୂରଭଞ୍ଜର ୪୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି । ୧୪ ବର୍ଷରୁ କମ୍ ବିଭାଗରେ ଦୁଲାରୀ ସୋରେନ, କମଳିନୀ ମାର୍ଣ୍ଡି, ସୀତା କିସ୍କୁ, ଜାସେନ ହେମ୍ବ୍ରମ, ଦେବ ତେଲେଙ୍ଗା, ଦେବାଶିଷ କୁଁଅର, ୧୬ ବର୍ଷରୁ କମ୍ ବିଭାଗରେ ପାପାଲି ସିଂ, ସୁଚିତ୍ରା ସିଂ, ଫୁଲମଣୀ ସୋରେନ, ରୁପାଲୀ କିସ୍କୁ, ଫୁଲମଣୀ ହେମ୍ବ୍ରମ, ଶାନ୍ତିଲତା ହାଁସଦା, ହରିଶ ଚନ୍ଦ୍ର ହେସା, ସଂଜିତ ସିଂହ, ରାକେଶ ବେହେରା, ସୁକୁଲ ହେମ୍ବ୍ରମ, ରାଜ ରାଜେଶ୍ୱର ବେହେରା, ଆକାଶ କୁମାର ମହାନ୍ତ, ୧୮ ବର୍ଷରୁ କମ୍ ବିଭାଗରେ ବିନ୍ଦି ସିଂ, ସୀତାମଣୀ ବାରି, ଦେବସ୍ମିତା ମାର୍ଣ୍ଡି, କନ୍ୟା କୁମାରୀ ପାଲ, ସୁନିତା ପିଙ୍ଗୁଆ, ଯମୁନା ମହାନ୍ତ, ବାଲହି ମୁର୍ମୁ, ଭୀମ ସିଂ, ବନମାଳୀ ସିଂ, ହରପ୍ରସାଦ ବେହେରା, ରାମ ହେମ୍ବ୍ରମ, ଭୀମ ନାଏକ, ଉମେଶ ଚନ୍ଦ୍ର ସିଂ, ରାମଦାସ ହାଁସଦା, ଗାଜ ଟୁଡୁ, ଧନଞ୍ଜୟ ସୋଇନ, ୨୦ ବର୍ଷରୁ କମ ବିଭାଗରେ ଜୟନ୍ତୀ ଗୁଇଆ, କଲ୍ୟାଣୀ ଟୁଡୁ, ପୁଷ୍ପାବତୀ କିସ୍କୁ, କ୍ରିଷ୍ଣା ମାଝୀ, ବିଶ୍ୱଜିତ ଦାସ, ଡାକ୍ତର ସୋରେନ, ପବିତ୍ର ପିଙ୍ଗୁଆ, ସୁରାଇ ମାର୍ଣ୍ଡି ସୁରେନ୍ଦ୍ର ବାଦ୍ରା ଓ ଶ୍ଳୋକ ସାଇ ସ୍ଥାନ ପାଇଛନ୍ତି ବୋଲି ମୟୂରଭଞ୍ଜ ଆଥିଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି । ଦିଗେଶ୍ୱର ମହାନ୍ତ ମୁଖ୍ୟ ମ୍ୟାନେଜର, ତ୍ରିଲୋଚନ ମହାନ୍ତ ଓ ଦେବସ୍ମିତା ମହାନ୍ତ ସହକାରୀ ମ୍ୟାନେଜର ଏବଂ ଦଳନ ଚନ୍ଦ୍ର କୁଁଅରଦେଓ ଓ ନରେଶ ଚନ୍ଦ୍ର ହେମ୍ବ୍ରମ କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି । ଆସୋସିଏସନର କର୍ମକର୍ତ୍ତା ଓ ସଦସ୍ୟ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍‌ର ଜଣେ ଆଦର୍ଶ ଶିକ୍ଷକ ତଥା ସାମ୍ବାଦିକ ନୀଳାଦ୍ରି ବିହାରୀ ଦଣ୍ଡପାଟଙ୍କ ପିତା ବରେନ ଚନ୍ଦ୍ର ଦଣ୍ଡପାଟ(୮୩)ଙ୍କର ପରଲୋକ ଘଟିଛି । ନିଜ ବାସଭବନ ସିଂହଟିଆରେ ଶୁକ୍ରବାର ସକାଳ ୬ଟା ୪୦ ମିନିଟ ସମୟରେ ସେ ଇହଲୀଳା ସମ୍ବରଣ କରିଛନ୍ତି । ଚାକିରି ଜୀବନରେ ସେ ଆମ୍ବଡାଳି, ଗଜଡିହୀ, ଛେଳିଆ, ତାଳପଦା, ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିବା ବେଳେ ଧାନପୋତା ସ୍କୁଲରୁ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ପୁଅ ଭବାନୀ, ବଡ଼ବୋହୂ ସଞ୍ଜୁଲତା, ସାନପୁଅ ନୀଳାଦ୍ରି, ସାନବୋହୂ ଇତିଶ୍ରୀ, ଝିଅ ଗୀତାଞ୍ଜଳୀ, ଜ୍ୱାଇଁ ପ୍ରଦୀପ, ନାତି ସ୍ନେହାଶିଷ ଓ ଆୟୁଷ୍ମାନ, ନାତୁଣୀ ପଲ୍ଲବୀ ଓ କ୍ରିଷ୍ଣା ଉପସ୍ଥିତ ଥିଲେ।

ସ୍ୱର୍ଗତ ଶିକ୍ଷକଙ୍କ ସାନପୁଅ ନୀଳାଦ୍ରି ପ୍ରମୁଖ ଦୈନିକ ଓଡିଆ ଖବରକାଗଜର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଟନ୍ତି । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବଡ଼ସାହି ବ୍ଲକ ଉପାଧକ୍ଷ କାଞ୍ଚନ ପ୍ରଧାନ, ଭଞ୍ଜସେନା ଅଧକ୍ଷ ସଞ୍ଜିବ ରାଉତ, କଂଗ୍ରେସର ପୂର୍ବତନ ଜିଲ୍ଲା ଉପସଭାପତି ପ୍ରକାଶ କରମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପୂର୍ବତନ ସାଂସଦ ତଥାଗତ ଶତପଥି ଶୋକ ବ୍ୟକ୍ତ ପ୍ରକାଶ କରି ଅମର ଆତ୍ମାର ଶାନ୍ତି କାମନା କରିଛନ୍ତି । ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ମୁଗାଗ୍ନି ଦେଇଛନ୍ତି।

# ମଣ୍ଡଳସ୍ତରୀୟ କନିଷ୍ଠ ରେଡକ୍ରସ୍ ପରାମର୍ଶଦାତା ତାଲିମ ଶିବିର




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ମଣ୍ଡଳ ସ୍ତରୀୟ ଏକ ଦିବସୀୟ ପରାମର୍ଶ ଦାତା ତାଲିମ ଶିବିର ପିଏମଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ୍‌ରେ ରାଜ୍ୟ କନିଷ୍ଠ ରେଡ୍‌କ୍ରସ ସଂଗଠନ, ଓଡ଼ିଶା ଓ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ , ଜିଲ୍ଲା କନିଷ୍ଠ ରେଡ୍‌କ୍ରସ ସଂଗଠନ, ଯାଜପୁର ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିରଟିକୁ ମୁଖ୍ୟ ଅତିଥି ସବିତା ନାୟକ, ସମ୍ପାଦକ ଜିଲ୍ଲା କନିଷ୍ଠ ରେଡ୍‌କ୍ରସ ସୋସାଇଟି, ଯାଜପୁର ତଥା ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ, ଯାଜପୁର ହେନେରୀ ଦୁନାଣ୍ଟଙ୍କ ପାଖରେ ଦୀପ ପ୍ରଜ୍ୱଳନ କରି ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ନାୟକ ଶିବିରରେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ରେଡ୍ କ୍ରସର ତାତ୍ପର୍ଯ୍ୟ ଓ ହେନେରୀ ଡୁନାଣ୍ଟଙ୍କ ଜୀବନୀ, ସେବା ଉପରେ ଆଲୋକ ପାତ କରିଥିଲେ। ଜୁନିଅର ରେଡ୍‌କ୍ରସ୍ ଅଫିସର ଶଙ୍କର୍ଷଣ ବେହେରା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ସମ୍ମାନିତ ଅତିଥଭାବେ ଯୋଗ ଦେଇ କହିଥିଲେ ଯେ ମଣ୍ଡଳ ସ୍ତରୀୟ ଶିବିରଟିର ମୁଖ୍ୟ ଉଦ୍ଦେଶ୍ୟ ପ୍ରାଥମିକ ଚିକିତ୍ସା, ରୋଡ ସେଫ୍ଟି ବିଷୟ ଜଣାଇଥିଲେ। ଏହି ଏକ ଦିବସୀୟ ତାଲିମ ଶିବିରରେ ଯାଜପୁର ମଣ୍ଡଳରୁ ୩୦ ଜଣ ପରାମର୍ଶଦାତା ଯୋଗଦାନ କରି ଥିଲେ। ଏହି ଶିବିରରେ ଜନକ କୁମାର ସାହୁ ସାଧନ କର୍ମୀ ଭାବେ ଯୋଦେଇଥିଲେ।

# ଓଡ଼ିଶାର ପ୍ରଥମ ମହିଳା ପର୍ବତାରୋହୀ ଦଳର ୟୁନାମ ଶିଖରକୁ ଯାତ୍ରା

## ୨୦ ହଜାର ଫୁଟ ଉଚ୍ଚ ଶିଖରରେ ତ୍ରିରଙ୍ଗା ଉଡ଼ାଇବା ଲକ୍ଷ୍ୟ

**ଭୁବନେଶ୍ୱର**

ଓଡ଼ିଶାର ୧୧ ଜଣ ମହିଳା ପର୍ବତାରୋହୀ ଯିବେ ହିମାଚଳ ପ୍ରଦେଶ। ଓଡ଼ିଶାର ପ୍ରଥମ ମହିଳା ନେତୃତ୍ୱାଧୀନ ପର୍ବତାରୋହୀ ଦଳ ହିମାଚଳ ପ୍ରଦେଶର ୨୦,୧୦୦ ଫୁଟ ଉଚ୍ଚ ମାଉଣ୍ଟ ୟୁନମ ଶିଖର ଆରୋହଣ ପାଇଁ ପ୍ରସ୍ତୁତ ହୋଇଛନ୍ତି । ପ୍ରଥମ ମହିଳା ପର୍ବତାରୋହୀ ଦଳ ଭାବେ ୟୁନାମ ଶିଖରକୁ ଏହା ଐତିହାସିକ ଯାତ୍ରା ହେବ। ୨୦,୧୦୦ ଫୁଟ ଉଚ୍ଚ ଶିଖରରେ ୮୦ ମିଟର ତ୍ରିରଙ୍ଗା ଉଡ଼ାଇବା ଲକ୍ଷ୍ୟ ରଖିଛି ମହିଳା ପର୍ବାତାରୋହୀ ଦଳ।




ଓଡ଼ିଶାର କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ରାଜ୍ୟର ୧୧ ଜଣ ନିର୍ଭୀକ ମହିଳା ନିଜର ସାହସ, ଆତ୍ମବିଶ୍ୱାସ ଓ ଦେଶପ୍ରେମର ପ୍ରତୀକ ସ୍ୱରୂପ ହିମାଳୟ ଶିଖରରେ ୮୦ ମିଟର ଲମ୍ବ ଜାତୀୟ ପତାକା ଉତ୍ତୋଳନ କରିବାର ସଙ୍କଳ୍ପ ନେଇ ଏହି ଅଭିଯାନ ଆରମ୍ଭ କରିଛନ୍ତି । ସ୍ୱାଧୀନତାର ୮୦ତମ ବର୍ଷ ପାଳନ ଅବସରରେ ଦଳ ଶିଖରରେ ୮୦ ମିଟର ଲମ୍ବର ତ୍ରିରଙ୍ଗା ଉତ୍ତୋଳନ କରିବାର ଲକ୍ଷ୍ୟ ରଖିଛି । ଆସୋସିଏସନ୍ ଫର୍ ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଆଶା) ଓ ସଙ୍କେତ କମ୍ୟୁନିକେସନ୍ସର ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଶୁକ୍ରବାରଠୁ ଭୁବନେଶ୍ୱରରୁ ଆରମ୍ଭ ହୋଇଛି । ୧୧ ସଦସ୍ୟ ବିଶିଷ୍ଟ ଟିମ୍‌ରେ ୫ ଜଣ ଅଭିଜ୍ଞ ଓ ୫ ଜଣ ନୂତନ ପର୍ବତାରୋହୀ ସାମିଲ ହୋଇଥିବା ବେଳେ ୧୩ ବର୍ଷୀୟା ଆରାଧା ଜେନାଙ୍କ ଅଂଶଗ୍ରହଣ ବିଶେଷ ଆକର୍ଷଣ ସୃଷ୍ଟି କରିଛି ।

କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି । 'ଆଶା'ର ସମ୍ପାଦକ ଗଣେଶ ଜେନା କହିଛନ୍ତି, ଦଳ ଦୀର୍ଘଦିନ ଧରି କଠିନ ପ୍ରଶିକ୍ଷଣ ନେଇ ଅଭିଯାନ ପାଇଁ ପ୍ରସ୍ତୁତ ହୋଇଛି । ଆଡ଼ଭେଞ୍ଚର ସ୍ପୋର୍ଟସ ଓଡ଼ିଶାରେ କେମିତି ଅଧିକ ଲୋକ ଜାଣିବେ ତାହା ହିଁ ଆମର ଲକ୍ଷ୍ୟ। ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ କହିଛନ୍ତି ଯେ, ଆଗାମୀ ୫ ବର୍ଷରେ ଆମେ କେମିତି ଅଧିକରୁ ଅଧିକ ମହିଳା ସାମିଲ କରିବୁ ତାହା ଆମର ଲକ୍ଷ୍ୟ।

ଅଭିଯାନଟି ହିମାଚଳ ପ୍ରଦେଶର ସୋଲାଙ୍ଗ ଉପତ୍ୟକା, ଜିସ୍ପା ଓ ଭରତପୁର ଦେଇ ପର୍ଯ୍ୟାୟକ୍ରମେ ଅଗ୍ରସର ହେବ। ଶିବିର-୧ ସ୍ଥାପନ ପରେ ଦଳ ଶିଖର ଆରୋହଣ ପାଇଁ ଶେଷ ପ୍ରସ୍ତୁତି କରିବ। ସମଗ୍ର ଅଭିଯାନରେ ସୁରକ୍ଷା, ଶୃଙ୍ଖଳା ଓ ପରିବେଶର ସୁରକ୍ଷା ଓ ଦଳଗତ ସହଯୋଗକୁ ଗୁରୁତ୍ୱ ଦିଆଯିବ।

ଟିମ୍ ଲିଡର ଅନିତା ସ୍ୱାଇଁ କହିଛନ୍ତି ଯେ, ''ଆମ ପାଇଁ ମାଉଣ୍ଟ ୟୁନାମ କେବଳ ଏକ ପର୍ବତ ଶିଖର ନୁହେଁ, ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟର ଉଚ୍ଚତାରେ ପହଞ୍ଚାଇବାର ଏକ ସୁଯୋଗ। ରାଜ୍ୟର ପ୍ରତ୍ୟେକ ଯୁବତୀ ବଡ଼ ସ୍ୱପ୍ନ ଦେଖିବାର ସାହାସ ରଖନ୍ତୁ। ସ୍ୱାଧୀନତା ଦିବସରେ ୮୦ ମିଟର ତ୍ରିରଙ୍ଗାକୁ ପର୍ବତ ଶିଖରରେ ଉତ୍ତୋଳନ କରିବା ଆମ ଜାତି ପ୍ରତି ସର୍ବୋଚ୍ଚ ଶ୍ରଦ୍ଧାଞ୍ଜଳି ହେବ''।

ଆଶା'ର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଜେନା କହିଛନ୍ତି ଯେ, ''ଗତ କିଛି ମାସ ଧରି ଦଳ ଫିଟ୍‌ନେସ୍, ସହନଶୀଳତା, ଉଚ୍ଚତା ଅନୁକୂଳ ଏବଂ ପର୍ବତାରୋହଣ ଶୃଙ୍ଖଳା ଉପରେ କଠିନ ପ୍ରଶିକ୍ଷଣ ନେଇଛି । ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ସୁଚିନ୍ତିତ ଭାବେ ଯୋଜନା ପ୍ରସ୍ତୁତ କରାଯାଇଛି । ଦଳ ପୂର୍ଣ୍ଣ ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧ ସହ ଏହି ଚ୍ୟାଲେଞ୍ଜ୍ ପାଇଁ ପ୍ରସ୍ତୁତ''।

ଆଶା'ର ଉପ-ସଭାପତି ହରେଶ କୁମାର ମିଶ୍ର କହିଛନ୍ତି ଯେ, ''ଏହି ଅଭିଯାନ ଓଡ଼ିଶାରେ ଦୁଃସାହସିକ କ୍ରୀଡ଼ାର ଏକ ନୂତନ ଯୁଗର ଆରମ୍ଭ। ଏହା ଯୁବପିଢ଼ିଙ୍କ ମନରେ ଆତ୍ମବିଶ୍ୱାସ, ନେତୃତ୍ୱ ଓ ସ୍ଥିରତାର ମନୋଭାବକୁ ଆହୁରି ଦୃଢ଼ କରିବ''। ଏଥିପୂର୍ବରୁ, ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀ ପର୍ବତାରୋହୀ ଦଳଙ୍କୁ ନିଜ ବାସ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ପତାକା ହସ୍ତାନ୍ତର କରି ଅଭିଯାନର ଶୁଭାରମ୍ଭ କରିଥିଲେ।

ଭୁବନେଶ୍ୱର, ୮ ଅଗଷ୍ଟ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଅକ୍ଷୟଶକ୍ତିର ବିକାଶ ପାଇଁ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୭।୮
ନ୍ୟୁଜ୍‌ବ୍ୟୁରୋ

ଦେଶର ସ୍ୱଚ୍ଛ ଶକ୍ତି କ୍ଷେତ୍ରର ପ୍ରସାର ଓ ଆନ୍ତଃରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଓ ମଧ୍ୟପ୍ରଦେଶ ସରକାରଙ୍କ ନୂତନ ଓ ଅକ୍ଷୟ ଶକ୍ତି ବିଭାଗ ମଧ୍ୟରେ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ୭ମ ସିଆଇଆଇ ଅନ୍ତର୍ଜାତୀୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ବୁଝାମଣାପତ୍ର ଅନୁଯାୟୀ ଅକ୍ଷୟ ଶକ୍ତିର ବିକାଶ, ଶକ୍ତି ଦକ୍ଷତା ଏବଂ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ପାରସ୍ପରିକ ସହଯୋଗ, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର, ଯୁଗ୍ମ ଗବେଷଣା ଓ ଅନୁସନ୍ଧାନ ଏବଂ ଜ୍ଞାନ ଆଦାନପ୍ରଦାନ




ପାଇଁ ଏକ ବ୍ୟାପକ ସାଂଗଠନିକ ଢାଞ୍ଚା ପ୍ରତିଷ୍ଠା କରାଯିବ।

ଏହି ପ୍ରସଙ୍ଗରେ, ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଏହି ଐତିହାସିକ ସହଭାଗିତା ସ୍ୱଚ୍ଛଶକ୍ତିକୁ ରୂପାନ୍ତରଣ ପାଇଁ ଆଞ୍ଚଳିକ ସହଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶା ଓ ମଧ୍ୟପ୍ରଦେଶର ରଣନୈତିକ ଦୂରଦୃଷ୍ଟି ଓ ସମ୍ବଳକୁ ବ୍ୟବହାର କରି ରାଜ୍ୟରେ ସ୍ଥାୟୀ ବିକାଶ, ନବସୃଜନ ଏବଂ ସୁଦୃଢ଼ ଶକ୍ତି ଭିତ୍ତିଭୂମି ପାଇଁ ଏକ ମଜବୁତ ମାନଦଣ୍ଡ ସ୍ଥାପନ କରିବ ଏବଂ ଦେଶର ସବୁଜ ଶକ୍ତିର ବିକାଶ ପଥକୁ ଆହୁରି ତ୍ୱରାନ୍ୱିତ କରିବ। ଏହି ବୁଝାମଣାର ସର୍ତ୍ତାବଳୀ ଅନୁଯାୟୀ ବୃଦ୍ଧି ପାଉଥିବା ଆଞ୍ଚଳିକ ଶକ୍ତି ଚାହିଦାକୁ ପୂରଣ କରିବା ପାଇଁ ସୌର, ପବନ ଏବଂ ହାଇବ୍ରିଡ୍ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିର ଯୌଥ ପ୍ରସାର ସହିତ ଅନ୍ୟାନ୍ୟ ପ୍ରାଥମିକ କ୍ଷେତ୍ରରେ ଦୁଇ ରାଜ୍ୟର ଶକ୍ତି ବିଭାଗ ସକ୍ରିୟ ଭାବରେ ସହଯୋଗ କରିବେ। ଏହି ସହଭାଗିତା ନୀତି ନିର୍ଦ୍ଧାରଣ, ନିୟାମକ ପଦ୍ଧତି ଏବଂ ଗ୍ରିଡ୍ ସଂଯୋଜନା ରଣନୀତି ପାଇଁ ସ୍ୱତନ୍ତ୍ର ବୈଷୟିକ ଆଦାନପ୍ରଦାନ ମାଧ୍ୟମ ପ୍ରତିଷ୍ଠା କରିବା ସହ ଶକ୍ତି ସଂରକ୍ଷଣ ଏବଂ ଗ୍ରିନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ଯୁଗ୍ମ ଗବେଷଣା ଓ ବିକାଶ ପ୍ରକଳ୍ପ ଆରମ୍ଭ କରିବା ଉପରେ ମଧ୍ୟ ଧ୍ୟାନ ଦେବ। ଏହି ସମ୍ମିଳନୀ ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସ୍ଥାୟୀ ଶକ୍ତିକ୍ଷେତ୍ରରେ ଆଞ୍ଚଳିକ ସହଯୋଗର ପ୍ରସାର ପାଇଁ ଶ୍ରୀଲଙ୍କାର ଶକ୍ତିମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ କରିଥିଲେ।

# ଚତୁର୍ଦ୍ଧା ବିଗ୍ରହଙ୍କ ବିସର୍ଜନ ଶାସ୍ତ୍ର ବିରୋଧ, ବିଘ୍ନ ହେଲେ ପାତାଳି କରାଯାଇପାରିବ

ପୁରୀ,୭।୮ :ନ୍ୟୁଜ୍‌ବ୍ୟୁରୋ

ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଗୁରୁବାର ଶ୍ରୀଜୀଉମାନଙ୍କ ବଡ଼ ପ୍ରତିମୂର୍ତ୍ତିଗୁଡ଼ିକ ପଡ଼ି ରହିବାର ଦୃଶ୍ୟ ଦେଖି ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦେଖଣାହାରୀଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ଜଣେ ବ୍ୟକ୍ତି ଆସି ଶ୍ରୀଜୀଉଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ସମୁଦ୍ରରେ ବିସର୍ଜନ କରିଥିଲେ। ସମୁଦ୍ର ଢେଉରେ ଭାସୁଥିବା ପ୍ରତିମୂର୍ତ୍ତିଗୁଡ଼ିକ ଗୁରୁବାର ସକାଳୁ କୂଳରେ ଲାଗିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀ ଏହାକୁ ବେଳାଭୂମିରେ ଏକ ଛୋଟ ସ୍ଲାପ୍ ଉପରେ ବସାଇ ଚାଲିଯାଇଥିଲେ। ମୁକୁଳା ଆକାଶ ତଳେ ଠାକୁରଙ୍କ ମୂର୍ତ୍ତି ପଡ଼ିରହିଥିଲା।

ଏନେଇ ସଂସ୍କୃତି ଗବେଷକ ଡ. ବଦ୍ରି ମିଶ୍ର କହିଛନ୍ତି, ପୂଜିତ



ଶ୍ରୀଜୀଉମାନଙ୍କ ମୂର୍ତ୍ତିକୁ ବିସର୍ଜନ କରିବାର ବିଧି ନାହିଁ। ପୁରୀ ସମୁଦ୍ରରେ ଶ୍ରୀଜୀଉଙ୍କ ମୂର୍ତ୍ତି ବିସର୍ଜନ ସଂଖ୍ୟା ବଢୁଥିବାରୁ ଏହା ଉପରେ ରୋକ୍ ଲାଗିବା ଉଚିତ୍। ବିଧି ଅନୁଯାୟୀ କେବଳ ବିଘ୍ନ ହେଲେ ନବକଳେବର ସମୟରେ ଶାସ୍ତ୍ର ଆଧାରରେ ଶ୍ରୀଜୀଉମାନଙ୍କୁ ପାତାଳି କରାଯାଇ ପାରିବ। ନଚେତ୍ ଅଣସର ସମୟରେ ପାତାଳି କରାଯାଇ ପାରିବ। ଏହାକୁ ନଦୀ, ପୁଷ୍କରିଣୀ, ସମୁଦ୍ର ଆଦିରେ ବିସର୍ଜନ କରାଯାଇ ପାରିବ ନାହିଁ। ଯଦି କେହି ଠାକୁର ମୂର୍ତ୍ତି ପୂଜା କରିବାର ଦାୟିତ୍ୱ ନେଇପାରୁନାହାନ୍ତି ତେବେ ନିକଟସ୍ଥ ମନ୍ଦିରକୁ ଦେଇପାରିବେ। ଶ୍ରୀଜୀଉଙ୍କୁ ବିଧି ମୁତାବକ ପବିତ୍ର ସ୍ଥାନରେ ପାତାଳି କରାଯିବା ଉଚିତ୍ ବୋଲି ଡ. ମିଶ୍ର କହିଛନ୍ତି।

# କୁଆଖାଇରେ ଭାସିଗଲେ ୨ ଯୁବକ, ଜଣେ ଉଦ୍ଧାର

ଭୁବନେଶ୍ୱର,୭।୮ :ନ୍ୟୁଜ୍‌ବ୍ୟୁରୋ

କୁଆଖାଇ ନଦୀରେ ଗାଧୋଇବା ବେଳେ ବୁଡ଼ିଯାଇ ଭାସିଗଲେ ୨ ଯୁବକ। ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ଉଦ୍ଧାର ଯୁବକ ଜଣକ ହେଲେ ଧଉଳି ଅଞ୍ଚଳ ରୁଦ୍ର ସ୍ୱାଇଁ। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ସତ୍ୟଭାମାପୁର ପଞ୍ଚାୟତ ସାଇ ମନ୍ଦିର ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି।

କୁଆଖାଇ ନଦୀକୁ ୪ ଜଣ ଯୁବକ ଗାଧୋଇବା ପାଇଁ ଆସିଥିଲେ। ଗାଧୋଇବା ସମୟରେ ହଠାତ ୨ ଜଣ ଗଭୀର ପାଣିରେ ବୁଡ଼ିଯାଇଥିଲେ। ସେମାନେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ଦିବ୍ୟଜ୍ୟୋତି ସ୍ୱାଇଁ ଓ ଧଉଳି ଅଞ୍ଚଳର ରୁଦ୍ର ସ୍ୱାଇଁ।



ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରି ରୁଦ୍ର ନାରାୟଣଙ୍କୁ ଉଦ୍ଧାର କରିଛି। ଅନ୍ୟ ଜଣଙ୍କ ପତ୍ତା ମିଳି ନାହିଁ। ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କିଟ୍ ଓ କିସ୍‌ରେ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ

## ବୁଣାକାରମାନେ ହେଉଛନ୍ତି ଆମ ସଂସ୍କୃତିର ବାର୍ତ୍ତାବହ ଓ ଉତ୍କର୍ଷ କଳାର ଯଥାର୍ଥ ପ୍ରତିନିଧି

ଭୁବନେଶ୍ୱର,୭।୮
ନ୍ୟୁଜ୍‌ବ୍ୟୁରୋ

କିଟ୍ ସ୍କୁଲ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି, କିଟ୍ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର ଓ କିସ୍ ମିଳିତ ସହଯୋଗରେ କିଟ୍‌ରେ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ରାଜ୍ୟମନ୍ତ୍ରୀ (ସ୍ୱା) ପ୍ରଦୀପ ବଳ ସାମନ୍ତ କହିଲେ, ବୁଣାକାରମାନେ ହସ୍ତତନ୍ତ କ୍ଷେତ୍ରର ଆତ୍ମା ଏବଂ ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସଦା ପ୍ରତିବଦ୍ଧ। ବୁଣାକାରମାନେ ହେଉଛନ୍ତି ଆମ ସଂସ୍କୃତିର ବାର୍ତ୍ତାବହ ଓ ଉତ୍କର୍ଷ କଳାର ଯଥାର୍ଥ ପ୍ରତିନିଧି। ସେମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ହସ୍ତତନ୍ତ ଦିବସ ଆରମ୍ଭ କରିଥିଲେ।




ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର ଲୋକାଲ୍' ଅଭିଯାନର ଉଲ୍ଲେଖ କରି ସେ ସପ୍ତାହକୁ ଅତି କମ୍‌ରେ ଥରେ ହସ୍ତତନ୍ତ ବସ୍ତ୍ର ପରିଧାନ କରିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତି ସାମଗ୍ରୀ ଦେଶ ବିଦେଶରେ ପ୍ରଚାର ପ୍ରସାର କରାଯାଉଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଭାରତର ହସ୍ତତନ୍ତ ପରମ୍ପରା ଅତ୍ୟନ୍ତ ସମୃଦ୍ଧ ଏବଂ ଦେଶର ହସ୍ତତନ୍ତ ଐତିହ୍ୟରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଦେଶର କୋଟି କୋଟି ହସ୍ତତନ୍ତ ବୁଣାକାରଙ୍କୁ ସମ୍ମାନ ଜଣାଇବା ଓ ସେମାନଙ୍କ ଅବଦାନକୁ ଯଥୋଚିତ ସ୍ୱୀକୃତି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାରେ ଜାତୀୟ ହସ୍ତତନ୍ତ ଦିବସର ପ୍ରଚଳନ କରିଥିଲେ। ତାଙ୍କର ନିରନ୍ତର ପ୍ରୟାସ ଫଳରେ ଆଜି ଭାରତୀୟ ହସ୍ତତନ୍ତ ଉତ୍ପାଦ ବିଶ୍ୱବ୍ୟାପୀ ଲୋକପ୍ରିୟତା ହାସଲ କରିଛି ବୋଲି ସେ କହିଥିଲେ। ଓଡ଼ିଶାର ହସ୍ତତନ୍ତର ପ୍ରଚାର ପ୍ରସାର କରିବା ପାଇଁ କିଟ୍ ଓ କିସ୍ ପରିଦର୍ଶନରେ ଆସୁଥିବା ଅତିଥିଙ୍କୁ ପ୍ରତିବର୍ଷ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ହସ୍ତତନ୍ତ ଶାଢ଼ି ପ୍ରଦାନ କରାଯାଉଛି। ଏହାଦ୍ୱାରା ବୁଣାକାରମାନଙ୍କୁ ସହାୟତା ଏବଂ ସହ କାରିଗରମାନଙ୍କ ପାଇଁ ବଜାର ସୁଯୋଗ ସୃଷ୍ଟି ସହ ସେମାନଙ୍କ ଜୀବିକାକୁ ସୁଦୃଢ଼ କରାଯାଇପାରୁଛି ବୋଲି ଡ. ସାମନ୍ତ କହିଥିଲେ।

ଏହି ଅବସରରେ ହସ୍ତତନ୍ତ ବସ୍ତ୍ରର ବ୍ୟବହାରକୁ ପ୍ରୋତ୍ସାହିତ ଓ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ କିଟ୍ ସ୍କୁଲ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଓ କିଟ୍ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର ମିଳିତ ଉଦ୍ୟମରେ 'କାଞ୍ଚି-୨୦୨୬' ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଲୋକପ୍ରିୟ ଅଭିନେତ୍ରୀ ଦେବଯାନୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଅଧିକରୁ ଅଧିକ ହସ୍ତତନ୍ତ ବସ୍ତ୍ର ବ୍ୟବହାର କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଇ- ଲଟେରୀ ଜରିଆରେ ନିଲାମ ହେବ ବାଲି ଖାଦାନ - ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୭।୮ :ନ୍ୟୁଜ୍‌ବ୍ୟୁରୋ

ଇ- ଲଟେରୀ ଜରିଆରେ ନିଲାମ ହେବ ଶହେରୁ ଅଧିକ ବାଲି ଖାଦାନ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏମଏସପିରୁ ଅଧିକ ରେଟରେ ବାଲି ବିକ୍ରି ହୋଇପାରିବନି। ଟ୍ରାକ୍ଟର ବାଲି ପାଇଁ ୬୮୦ ଟଙ୍କା ଦେବାକୁ ପଡ଼ିବ। ଅନେକ ସ୍ଥାନରେ ଟ୍ରାକ୍ଟର ପିଛା ବାଲି ୩ ରୁ ୬ ହଜାରରେ ବିକ୍ରି ହେଉଛି।

# କଟକ ହାଇକୋର୍ଟ ବୋମା ଧମକ ମାମଲା : ସନ୍ଦିଗ୍ଧ ସଫ୍ଟୱେୟାର ଇଞ୍ଜିନିୟରଙ୍କ ଲିଙ୍କ୍ ଖୋଜା ଜାରି

କଟକ,୭।୮ :ନ୍ୟୁଜ୍‌ବ୍ୟୁରୋ

କଟକ ହାଇକୋର୍ଟ ବୋମା ଧମକ ମାମଲାରେ ନୂଆ ମୋଡ଼ ନେଇଛି। ଇମେଲ ଯୋଗେ ବାରମ୍ବାର କୋର୍ଟକୁ ବୋମା ଧମକ ମିଳୁଥିବାବେଳେ ଏ ନେଇ କମିଶନରେଟ୍ ପୁଲିସ ତଦନ୍ତ ଜାରି ରଖିଥିଲା। ଏହି ମେଲ୍ କିଏ ଏବଂ କେଉଁଠାରୁ ଆସୁଛି, ସେ ନେଇ ସୁରାକ୍ ପାଇ କଟକ ପୁଲିସ ଟିମ୍ ତାମିଲନାଡ଼ୁ ପହଞ୍ଚିଥିଲା, ଯାହାପରେ ଏହି ମାମଲାର ତଦନ୍ତ କରି ଟିମ୍ ତାମିଲନାଡ଼ୁ ଗସ୍ତରୁ ଫେରିଛି। ନିକଟରେ ତାମିଲନାଡ଼ୁ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ ଚେନ୍ନାଇ ବିମାନବନ୍ଦରରୁ ଗିରଫ କରିଥିବା ସଫ୍ଟୱେୟାର ଇଞ୍ଜିନିୟର ଶରତ ସୁବ୍ରମଣ୍ୟମ୍ ଶଙ୍କରଙ୍କ ସହ ଏହି ମାମଲାର କୌଣସି ସମ୍ପର୍କ ରହିଛି କି ନାହିଁ, ତାହାର ତଦନ୍ତ ପାଇଁ ପୁଲିସ ଏହି ଗସ୍ତ କରିଥିଲା। ସୂଚନା



ଅନୁସାରେ, ବିଭିନ୍ନ ରାଜ୍ୟକୁ ବୋମା ଧମକ ଇ-ମେଲ୍ ପଠାଇ ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗରେ ଶରତଙ୍କୁ ଗତ ଜୁଲାଇ ୨୨ ତାରିଖରେ ତାମିଲନାଡ଼ୁ ଏଟିଏସ୍ ଗିରଫ କରିଥିଲା। ସେ ବର୍ତ୍ତମାନ ତାମିଲନାଡ଼ୁର ଏକ ଜେଲରେ ଥିବାରୁ କଟକ ପୁଲିସ ସିଧାସଳଖ ପଚରାଉଚରା କରିପାରିନଥିଲା। ତେଣୁ କଟକ ହାଇକୋର୍ଟ ବୋମା ଧମକ ମାମଲା ସମ୍ପର୍କିତ ସମସ୍ତ ତଥ୍ୟ ତାମିଲନାଡ଼ୁ ପୁଲିସ ଓ ଏଟିଏସକୁ ହସ୍ତାନ୍ତର କରାଯାଇଛି। ରିପୋର୍ଟରୁ ଜଣାପଡ଼ିଛି, କଟକ ହାଇକୋର୍ଟ ବୋମା ଧମକ ମାମଲାରେ ଶରତଙ୍କ ସମ୍ପୃକ୍ତି ନେଇ ଗଭୀର ଖୋଳତାଡ଼ ଚାଲିଛି। ଆବଶ୍ୟକ ପଡ଼ିଲେ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଉଲ୍ଲେଖଯୋଗ୍ୟ, ଶରତ ସୁବ୍ରମଣ୍ୟମ୍ ଶଙ୍କର ତାମିଲନାଡ଼ୁର ତିରୁନେଲଭେଲି ଜିଲ୍ଲାର ଆମ୍ବାସମୁଦ୍ରମ ଅଞ୍ଚଳର ବାସିନ୍ଦା। ସେ ଆମେରିକାର ଟେକ୍ସାସରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାମ କରୁଥିଲେ। ତାଙ୍କ ବିରୋଧରେ ଲୁକ୍ ଆଉଟ୍ ସର୍କୁଲାର ଜାରି ହେବା ପରେ ଚେନ୍ନାଇ ବିମାନବନ୍ଦରରେ ପହଞ୍ଚିବା ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ତାଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ହୋଇଥିବା ବୋମା ଧମକ ଘଟଣାର ତଦନ୍ତ ଜାରି ରହିଛି।

# ଭିଜିଲାନ୍ସ ଜାଲରେ ଡାଟା ଏଣ୍ଟ୍ରି ଅପରେଟର

ନୟାଗଡ଼,୭।୮
ନ୍ୟୁଜ୍‌ବ୍ୟୁରୋ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହର ବିଲ୍ ପାସ୍ କରିବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ୪ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ପଞ୍ଚାୟତ ଡାଟାଏଣ୍ଟ୍ରି ଅପରେଟର। ଡାଟା ଏଣ୍ଟ୍ରି ଅପରେଟର ଜଣକ ହେଲେ ରଣପୁର ବ୍ଲକ ରାଜଜଙ୍କିଆ ପଞ୍ଚାୟତର ପ୍ରଶାନ୍ତ କୁମାର ଭଟ୍ଟ।

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ରାଜ ଜଙ୍କିଆ ପଞ୍ଚାୟତର ଅକ୍ଷୟ କୁମାର ମାଝୀ ନାମକ ଜଣେ ହିତାଧିକାରୀ ସରକାରଙ୍କ ଠାରୁ ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପାଇଥିଲେ। ଚଳିତବର୍ଷ ଅକ୍ଷୟ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ବେଳେ ୪୦ ହଜାର ଟଙ୍କା ବିଲ୍ ପାସ୍ କରିବା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଧାଇଁଥିଲେ। ପଞ୍ଚାୟତ ଡାଟାଏଣ୍ଟ୍ରି ପ୍ରଶାନ୍ତ କୁମାର ଭଟ୍ଟ ତାଙ୍କୁ ୧୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପ୍ରଥମ କିସ୍ତିରେ ଅକ୍ଷୟ ୭ହଜାର ଦେଇଥିବା ବେଳେ ଆଉ ୪ହଜାର ବାକି ରହିଥିଲା। ଏ ସମ୍ପର୍କରେ ଅକ୍ଷୟ ଭିଜିଲାନ୍ସ



କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇ ରଙ୍ଗ ବୋଳା ୪ହଜାର ଟଙ୍କା ଅକ୍ଷୟଙ୍କ ଦ୍ୱାରା ଡାଟାଏଣ୍ଟ୍ରି ଅପରେଟର ଶ୍ରୀ ଭଟ୍ଟଙ୍କୁ ଟଙ୍କା ଦିଆଯାଇ ଥିଲା। ଟଙ୍କା ଦିଆଯିବା ସମୟରେ ବାହାରେ ପୂର୍ବରୁ ପ୍ରସ୍ତୁତ ହୋଇରହିଥିବା ଭିଜିଲାନ୍ସ କର୍ମଚାରୀ ମାନେ ଶ୍ରୀ ଭଟ୍ଟଙ୍କୁ ମାଡ଼ିବସିଥିଲେ। ତାଙ୍କୁ ପ୍ରଥମେ ନୟାଗଡ଼ ଓ ପରେ ଭୁବନେଶ୍ୱରକୁ ନିଆଯାଇ ପଚରା ଉଚରା ଚାଲିଛି। ଏହି ଚଢ଼ଉରେ ଭିଜିଲାନ୍ସ ଡି.ଏସ୍.ପି ସୁରେନ୍ଦ୍ର କୁମାର ବଳ ଓ ଅଶୋକ କୁମାର ବିରୁଆ, ଇନ୍ସପେକ୍ଟର ମଧୁସ୍ମିତା କର ଓ ଜ୍ଞାନରଞ୍ଜନ ମହାପାତ୍ରଙ୍କ ସମେତ ଭବାନୀ ଶଙ୍କର ପଟ୍ଟନାୟକ ସାମିଲ ଥିଲେ।

# ସୌମ୍ୟ ହତ୍ୟା ମାମଲା : ୬ ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର,୭।୮ :ନ୍ୟୁଜ୍‌ବ୍ୟୁରୋ

ଚର୍ଚ୍ଚିତ ଜିଆରପି କନଷ୍ଟେବଲ ସୌମ୍ୟ ରଞ୍ଜନ ମହାପାତ୍ର ହତ୍ୟା ମାମଲାରେ କୋର୍ଟଙ୍କ ପକ୍ଷରୁ ୬ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି। ଏହି ମାମଲାରେ ପୂର୍ବରୁ ମୋଟ ୨୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପ୍ରମାଣ ଅଭାବରୁ ସେମାନଙ୍କ ମଧ୍ୟରୁ ଏହି ୬ ଜଣଙ୍କୁ ଜାମିନ ମିଳିଛି।

ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ପୂର୍ବରୁ ଯାଞ୍ଚ ସମୟରେ ପ୍ରମାଣ ଅଭାବକୁ ଦୃଷ୍ଟିରେ ରଖି ମୋଟ ୯ ଜଣଙ୍କ ନାମ ଚାର୍ଜସିଟ୍‌ରୁ ବାଦ୍ ଦେଇଥିଲା। ବର୍ତ୍ତମାନ ଏହି ମାମଲାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ବେଳେ ଘଟଣାରେ ଅନ୍ୟ ୫ ରୁ ୬ ଅଭିଯୁକ୍ତ ଏବେ ବି ଫେରାର ଥିବା ନେଇ ସୂଚନା ମିଳିଛି। ପୋଲିସ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜୋରଦାର କରିଛି।

# ଭୋଟର ତାଲିକା ସଂଶୋଧନ

## ମୁଖ୍ୟ ନିର୍ବାଚନ ଅଧିକାରୀ ଓ ବିଜେପି ବିଧାୟକଙ୍କୁ ଏସଆଇଆର ନୋଟିସ୍

ଭୁବନେଶ୍ୱର,୭।୮
ନ୍ୟୁଜ୍‌ବ୍ୟୁରୋ

ସମଗ୍ର ଦେଶର ବିଭିନ୍ନ ରାଜ୍ୟରେ ଏବେ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି। ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଏସ୍ଆଇଆର ଏବେ ଜୋରସୋରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରାଯାଉଛି। କିନ୍ତୁ ଉତ୍ତରାଖଣ୍ଡରେ ଚାଲିଥିବା ଭୋଟର ତାଲିକାର ଏସ୍ଆଇଆର ବେଳେ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି।

ଏସ୍ଆଇଆର ନୋଟିସ ଏବେ ବରିଷ୍ଠ ସରକାରୀ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ଘରେ ପହଞ୍ଚିଛି। ଉତ୍ତରାଖଣ୍ଡରେ ଯିଏ ଏସ୍ଆଇଆର ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଛନ୍ତି, ତାଙ୍କ ଘରେ ଏବେ ନୋଟିସ୍ ପହଞ୍ଚିଛି। ସେ ବାସ୍ତବରେ ରାଜ୍ୟର ଭୋଟର କି ନୁହନ୍ତି, ତା'ର ପ୍ରମାଣ ଉପସ୍ଥାପନ କରିବାକୁ କୁହାଯାଇଛି।

ଏସ୍ଆଇଆର ନୋଟିସ ପାଇଥିବା ସରକାରୀ ବାବୁଙ୍କ ମଧ୍ୟରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ରହିଥିବା ଜଣାପଡ଼ିବା ପରେ ସମସ୍ତେ ଚକିତ ହୋଇଛନ୍ତି। ରାଜ୍ୟରେ ସିଇଓଙ୍କ ବ୍ୟତୀତ କ୍ଷମତାସୀନ ବିଜେପିର ଜଣେ ବିଧାୟକ ଓ କୁମାଓନ କମିଶନରଙ୍କୁ ମଧ୍ୟ ଭୋଟର ଯାଞ୍ଚ ପ୍ରକ୍ରିୟା ବେଳେ ନୋଟିସ କରାଯାଇଛି। ଏହି ନୋଟିସଗୁଡ଼ିକ ମଧ୍ୟରୁ ଅଧିକାଂଶ ନିର୍ବାଚନୀ ରେକର୍ଡରେ ଥିବା ସାଧାରଣ ତ୍ରୁଟି କାରଣରୁ ଜାରି କରାଯାଇଛି। ଏଥିରେ ନାଁର ବନାନ ଭୁଲ, ଅସମ୍ପୂର୍ଣ୍ଣ ନାଁ କିମ୍ବା ପୁରୁଣା ଠିକଣା ଭଳି ତ୍ରୁଟି ରହିଛି। ଅଧିକାରୀମାନେ କହିଛନ୍ତି ଯେ ବିଜେପି ବିଧାୟିକା ସରିତା ଆର୍ଯ୍ୟଙ୍କ ବାସଭବନରେ ଦିଆଯାଇଥିବା ନୋଟିସରେ ବିଧାୟିକା ଓ ତାଙ୍କ ସାନ ପୁଅଙ୍କ ଭୋଟର ଯାଞ୍ଚ ସମ୍ପର୍କିତ ତଥ୍ୟ ମଗାଯାଇଛି। ସେହିପରି କୁମାଓନ କମିଶନର ଦୀପକ ରାୱତଙ୍କ ବାସଭବନରେ ମଧ୍ୟ ସମାନ ନୋଟିସ ପହଞ୍ଚିଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିଆରସି ପୁରୁଷୋତ୍ତମଙ୍କ ନାଁରେ ଥିବା ଗୋଟିଏ ଅସଙ୍ଗତି କାରଣରୁ ନୋଟିସ ମିଳିଥିଲା। ନୋଟିସ ପରେ ସେ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବଶ୍ୟକ କାଗଜପତ୍ର ଦାଖଲ କରିଛନ୍ତି।

ଅଧିକାରୀ ଓ ଅନେକ ସାଧାରଣ ଲୋକଙ୍କୁ ଏପରି ଯାଞ୍ଚ ନୋଟିସ ମିଳିଥିବାରୁ ସମସ୍ତଙ୍କ ମନରେ ଚିନ୍ତା ସୃଷ୍ଟି ହୋଇଛି। ଏହାକୁ ଦୂର କରିବା ପାଇଁ ସିଇଓ ପୁରୁଷୋତ୍ତମ କହିଛନ୍ତି ଯେ ଭୋଟରମାନଙ୍କୁ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ନାଁ, ଠିକଣା କିମ୍ବା ଅନ୍ୟ କୌଣସି ତଥ୍ୟରେ ତ୍ରୁଟି ଥିଲେ ନିର୍ଦ୍ଧାରିତ କାଗଜପତ୍ର ବିଏଲଓଙ୍କ ନିକଟରେ ଦାଖଲ କରି ଏହାକୁ ସଂଶୋଧନ କରାଯାଇପାରିବ। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଏକ ନିୟମିତ ଅଂଶ ଭାବେ ଏଭଳି ନୋଟିସ ଜାରି କରାଯାଏ। ଏହାର ଉଦ୍ଦେଶ୍ୟ ହେଉଛି ଭୋଟର ରେକର୍ଡରେ ଥିବା ତ୍ରୁଟିଗୁଡ଼ିକର ସମାଧାନ କରିବା। ସାଧାରଣ ତ୍ରୁଟି ସମ୍ପର୍କିତ ମାମଲାଗୁଡ଼ିକୁ ବିଏଲଓ ସ୍ତରରେ ହିଁ ଯାଞ୍ଚ ଓ ସମାଧାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ଭୋଟରମାନେ ଅଯଥା ହଇରାଣ ହେବେ ନାହିଁ।

## ଛତିଶଗଡ଼ର ରାଜ୍ୟପାଳ ରାମେନ ଡେକାଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୭।୮
ନ୍ୟୁଜ୍‌ବ୍ୟୁରୋ

ଛତିଶଗଡ଼ର ରାଜ୍ୟପାଳ ରାମେନ ଡେକା ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସିଛନ୍ତି। ରାଜ୍ୟପାଳଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ଏବଂ ପ୍ରଶାସନିକ ପ୍ରସ୍ତୁତି କରାଯାଇଥିଲା।

ଗସ୍ତ ସମୟରେ ରାଜ୍ୟପାଳ ଅପରାହ୍ନରେ ସମ୍ବଲପୁରର ପ୍ରସିଦ୍ଧ ପୀଠ ମା' ସମଲେଶ୍ୱରୀ ମନ୍ଦିରରେ ପହଞ୍ଚି ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ଅସମୀୟା ସାହିତ୍ୟର ଅନ୍ୟତମ ପୁରୋଧା ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କରିଥିଲେ। ଶେଷରେ ପ୍ରସିଦ୍ଧ ହୁମା ମନ୍ଦିର (ବକ୍ର ମନ୍ଦିର) ପରିଦର୍ଶନ କରି ସେଠାରେ ମଧ୍ୟ ପୂଜାର୍ଚ୍ଚନା ସମ୍ପନ୍ନ କରିବା ସହ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ୧୨,୫୭୨ ଭୋଟର ଅଯୋଗ୍ୟ ଘୋଷିତ

ଭୁବନେଶ୍ୱର,୭।୮ :ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଚାଲିଛି। ତ୍ରୁଟି ପାଇଁ ମୋଟ ୫୮ଲକ୍ଷ ୩୬ହଜାର ୪୩୦ଜଣ ଭୋଟରଙ୍କ ନାମରେ ନୋଟିସ୍ ଜାରି ହୋଇଛି। ସେଥିମଧ୍ୟରୁ ୫୭ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ୍ ପ୍ରଦାନ କରାଯାଇସାରିଛି। ଅନ୍ୟପଟେ, ଶୁକ୍ରବାର ସୁଦ୍ଧା ନୋଟିସ୍ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ୍ ପ୍ରଦାନ କରାଯାଇଥିବା ଭୋଟରମାନଙ୍କ ଆବଶ୍ୟକ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟର୍ଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ନୂତନ ନାମ ପଞ୍ଜୀକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ଜଣ ଆବେଦନ କରିଛନ୍ତି। ଭୋଟର୍ ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟରଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ଜଣ ଭୋଟର ଆବେଦନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ଶତପ୍ରତିଶତ ନୋଟିସ୍ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷ କରି ସର୍ବାଗ୍ରେ ରହିଛନ୍ତି। ସୂଚନାଯୋଗ୍ୟ, ସମସ୍ତ ଯୋଗ୍ୟ ନାଗରିକମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତ୍ତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍ ଗୋପାଳନ ନିବେଦନ କରିଛନ୍ତି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୭/୦୮/୨୦୨୬
୪.୬୯.୭୮୧/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

## ବ୍ରାଉନସୁଗାର ଜବତ

ଉମରକୋଟ,୭।୮ :ନ୍ୟୁଜ୍‌ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପାର୍ଥ କଶ୍ୟପ ଜଗଦୀଶଙ୍କ ନିର୍ଦ୍ଦେଶ କ୍ରମେ ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବରଙ୍କ ନେତୃତ୍ୱରେ ଏସଆଇ କୁଳଭୂଷଣ ନାୟକ, ଅକ୍ଷୟ ମିଶ୍ର, ଏଏସଆଇ ମଳୟ ମିଶ୍ର, ବି.ବି ବଞ୍ଜାରା ଏବଂ ପୋଲିସ ଫୋର୍ସ କୌଣସି ସୂତ୍ରରୁ ଖବର ପାଇ ପୁରୁଣା ମେଡିକାଲ ରାସ୍ତା ତଥା ଭଞ୍ଜ ମଣ୍ଡପ ନିକଟରେ ୪୬ଟି ଛୋଟ ଛୋଟ ପୁଡ଼ିଆରେ ପ୍ରାୟ ୩.୯୪ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିବା ବେଳେ ଦୁଇଜଣ ଫେରାର ହୋଇଥିବା ସୂଚନା ଦେଇଛନ୍ତି ଏସଡିପିଓ ଶୁଭେନ୍ଦୁ ଶବର। ସେହି ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଦଶ ହଜାର ଟଙ୍କା ହେବ।